### ଅଭୟାରଣ୍ୟରୁ ବେଆଇନ ବିସ୍ଥାପନ ବିରୁଦ୍ଧରେ ମାଳମାଳ କେସ୍ ରୁଜୁ

# ବନ ବିଭାଗର ଦୁର୍ନୀତି ଓ ଭୁଲ୍ ପ୍ରତିବାଦରେ ଆଇନର ଆଶ୍ରୟ ନେଲେ ଗ୍ରାମବାସୀ

ଅନୁଗୋଳ, ୬।୨(ସମିସ): ସାତକୋଶିଆ ଅଭୟାରଣ୍ୟ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ନେଇ ଗତ ୨ ବର୍ଷ ମଧ୍ୟରେ ୩ ଗୋଟି ଗ୍ରାମର ୪୭୬ଟି ପରିବାରକୁ ବାସଚ୍ୟୁତ କରାଯାଇଛି। ଏହି ପରିବାର ମଧ୍ୟରେ କଟରଙ୍ଗ, ଟୁଲୁକା ଓ ଅଶନବାହାଳ ଗ୍ରାମ ରହିଥିବା ବେଳେ ଭୁର୍କୁଣ୍ଡି ଜଙ୍ଗଲ ଗ୍ରାମକୁ ମଧ୍ୟ ଗ୍ରାମବାସୀଙ୍କ ମନାକରିବା ସତ୍ତ୍ୱେ ଜୋରଜବରଦସ୍ତ ବିସ୍ଥାପନ ଉଦ୍ୟମ ମଜାରି ରହିଛି। ଗ୍ରାମ ବିସ୍ଥାପନ ନେଇ ସରକାରୀ ଆଇନ୍, ଗାଇଡଲାଇନ୍ ଓ ନିୟମାବଳୀକୁ ଜଳାଞ୍ଜଳୀ ଦିଆଯାଇ ଏକ ପ୍ରକାର ମନମାନିରେ ବିସ୍ଥାପନ କାର୍ଯ୍ୟକ୍ରମକୁ ଆଗେଇ ନିଆଯାଇଛି। ଗ୍ରାମ ବିସ୍ଥାପନ ନେଇ ଗ୍ରାମ ଗୁଡିକରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ଓ ନିୟମ ଆଧାରରେ ଗ୍ରାମସଭା ଆହ୍ୱାନ କରାଯାଇ ଗ୍ରାମବାସୀଙ୍କ ସମ୍ମତି ନିଆଯାଇନାହିଁ। ଏପରିକି ଗ୍ରାମ ଗୁଡିକରେ ସ୍ୱଚ୍ଛତା ଭିତ୍ତିରେ କୌଣସି ସର୍ଭେ ଓ ଷ୍ଟଡି କରାଯାଇନାହିଁ। ସ୍ୱେଚ୍ଛାକୃତ ବିସ୍ଥାପନ କେବଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର କୋର୍ ଅଞ୍ଚଳ ଏବଂ ସଂକଟାପନ୍ନ ବାଘ ବାସସ୍ଥଳୀ ଏବଂ ସଂକଟାପନ୍ନ ବନ୍ୟଜୀବ ବାସସ୍ଥଳୀ ଅଞ୍ଚଳରୁ ହେବା ପାଇଁ ବନ୍ୟଜୀବ ସଂରକ୍ଷଣ ଆଇନ୍ ୧୯୭୨ର ୩୮ (ଭି) ଧାରାରେ ବ୍ୟବସ୍ଥା ରହିଛି। ଏହି ଆଇନ୍ ବ୍ୟବସ୍ଥାକୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ଏକ ବୈଧାନିକ ସଂସ୍ଥା ସରଳଭାବେ ଏକ ଗାଇଡଲାଇନ୍ ପ୍ରସ୍ତୁତି କରିଅଛି। ଜାତୀୟ ବନ୍ୟଜୀବ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରି ସାତକୋଶିଆ ବନଖଣ୍ଡ ପକ୍ଷରୁ କୋର୍ ଅଞ୍ଚଳ ବାହାର ଗ୍ରାମ ଗୁଡିକୁ ଶାଗମାଛ ଦରରେ ଜୋରଜବରଦସ୍ତ ବିସ୍ଥାପନ କରିଛନ୍ତି। କଟରଙ୍ଗ ଏବଂ ଟୁଲୁକା ଗ୍ରାମର ୮୦ ପ୍ରତିଶତ ଲୋକ ଆଦିବାସୀ ହୋଇଥିବା ବେଳେ ଜଂଗଲ ଅଧିକାର ଆଇନ୍ କୁ ଆଦୌ କାର୍ଯ୍ୟକାରୀ କରାଯାଇନାହିଁ। ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ଜିଲ୍ଲାସ୍ତରରେ ଏକ ଜିଲ୍ଲାସ୍ତରୀୟ ବିସ୍ଥାପନ କାର୍ଯ୍ୟକାରିତା କମିଟି ରହିଛି। ଏହି ଜିଲ୍ଲାସ୍ତରୀୟ କମିଟିର ଅଧ୍ୟକ୍ଷ ଜିଲ୍ଲାପାଳ ଥିବାବେଳେ ସାତକୋଶିଆ ବନଖଣ୍ଡ ଅଧିକାରୀ ଏହାର ସଭ୍ୟ ସମ୍ପାଦକ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଏହାର ସଭ୍ୟ ଓ ସଭ୍ୟା ଅଟନ୍ତି। ଜିଲ୍ଲାସ୍ତରୀୟ ଏହି କମିଟିରେ ସଭ୍ୟ ସମ୍ପାଦକ ଆଇନଗତ ଦିଗ ଏବଂ ସରକାରୀ ଗାଇଡଲାଇନ୍‌କୁ ଉପେକ୍ଷା କରି ବିସ୍ଥାପନ ସମ୍ବନ୍ଧୀୟ ରେଗୁଲେସନ୍ କରିଥିବାର ଦୃଢ ଅଭିଯୋଗ ହୋଇଛି। ସାତକୋଶିଆ ବନଖଣ୍ଡ ଅଧିକାରୀ ସଭ୍ୟ ସମ୍ପାଦକ ଭାବରେ ଅନ୍ୟାନ୍ୟ ବିଭାଗକୁ ସମନ୍ୱୟ ନ ରଖି ଏକ ପ୍ରକାର ମନମାନି କରିଥିବାରୁ ଗ୍ରାମବାସୀ ଅସନ୍ତୋଷ ହୋଇ ବିଭିନ୍ନ ଫୋରମ୍‌ରେ କେସ୍ କରିବାକୁ ବାଧ୍ୟ ହୋଇଛନ୍ତି। ଏପରିକି ବନଖଣ୍ଡ ଅଧିକାରୀ, ପୂର୍ବତନ ଜିଲ୍ଲାପାଳ ତଥା କମିଟିର ଅଧ୍ୟକ୍ଷ ଦୁଇଜଣଙ୍କର ଜିଦଖୋର୍ ମନୋବୃତି ଯୋଗୁ ଗ୍ରାମଗୁଡିକୁ ବିସ୍ଥାପନ କରିବାରେ ସଫଳ ହୋଇଛନ୍ତି। ପୂର୍ବତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ସାତକୋଶିଆ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡାଙ୍କ ଏକତରଫା ନିଷ୍ପତ୍ତି ଯୋଗୁ କ୍ଷତିଗ୍ରସ୍ତ ଗ୍ରାମବାସୀ ବାଧ୍ୟ ହୋଇ ଉଚ୍ଚ ନ୍ୟାୟଳୟ ସମେତ ଭିନ୍ନକ୍ଷମ ଆୟୋଗ, ମାନବ ଅଧିକାର ଆୟୋଗ ଏବଂ ଜାତୀୟ ଅନୁସୂଚିତ ଜନଜାତି (ଆଦିବାସୀ) ଆୟୋଗଙ୍କ ନିକଟରେ କେସ୍ ରୁଜୁ କରିଥିବା ଜଣାଯାଇଛି। କଟରଙ୍ଗ ଗ୍ରାମର ୨୯ ଜଣ ପରିବାରକୁ ଜାଣିଶୁଣି ବନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ପ୍ୟାକେଜ୍ ଦିଆଯାଇନାହିଁ। ତହସିଲ୍ ଅଫିସ୍‌ରୁ ପୁନର୍ବାର ତାଲିକାଭୂକ୍ତ କରାଯାଇ ଏକ ଅତିରିକ୍ତ ତାଲିକା ଦିଆଯାଇଥିଲେ ସୁଦ୍ଧା ବନଖଣ୍ଡ ଅଧିକାରୀଙ୍କ ଜିଦଖୋର୍ ମନୋଭାବ ନେଇ ଏହି ୨୯ ପରିବାର ଉଚ୍ଚ ନ୍ୟାୟଳୟରେ ଆଶ୍ରୟ ନେଇଥିବା ଜଣାଯାଇଛି। ଅନୁରୂପ ଭାବରେ ଟୁଲୁକା ଗ୍ରାମର ଗ୍ରାମବାସୀମାନେ ଗ୍ରାମ ବିସ୍ଥାପନ ପାଇଁ ପ୍ରଥମରୁ ବିରୋଧ କରୁଥିଲେ। ଏପରିକି ଗ୍ରାମସଭାରେ ବିରୋଧ କରି ସ୍ୱାକ୍ଷର କରିନଥିଲେ। ପରବର୍ତ୍ତୀ ସମୟରେ ଗ୍ରାମସଭାର କୌଣସି ଅନୁମୋଦନ ନ ନେଇ ଗ୍ରାମରେ ବିଭାଜନ ସୃଷ୍ଟି କରି ବିସ୍ଥାପନ କରାଯାଇଥିଲା। ଗ୍ରାମର ବିସ୍ଥାପନ କୁ ବିରୋଧ କରିଥିବାରୁ ଗିରିଧାରୀ ଜାନୀଙ୍କର ସ୍ତ୍ରୀ ଟିକିନା ଜାନୀ ଜଣେ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ପ୍ୟାକେଜ୍‌ରୁ ବାଦ୍ ଦିଆଯାଇଥିଲା।

ଗ୍ରାମର ଜେମା ପଧାନ ଓ ଆକାଶ ସିଂଙ୍କୁ ଭିନ୍ନକ୍ଷମ ପ୍ୟାକେଜ୍ ଦିଆଯାଇନଥିବାରୁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିବା ଜଣାଯାଏ। ଟୁଲୁକା ଗ୍ରାମର ଜଣେ ଅନୁସୂଚିତ ଜାତି ହରିଜନ ବିଧବା ମହିଳା ଶାନ୍ତିଲତା ନାଏକଙ୍କୁ ମଧ୍ୟ ପ୍ୟାକେଜ୍‌ରୁ ବଞ୍ଚିତ କରାଯାଇଛି। ଶାନ୍ତିଲତାର ଶାଶୁ ଓ ଦିଅରକୁ ପ୍ୟାକେଜ୍ ଦିଆଯାଇଥିବା ବେଳେ ଶାନ୍ତିଲତାକୁ ବନଖଣ୍ଡ ଅଧିକାରୀ ପ୍ୟାକେଜ୍ ଦେବା ପରିବର୍ତ୍ତେ କେସ୍ କରି ପ୍ୟାକେଜ୍ ପାଇବାକୁ ଧମକ୍ ଦେଉଥିବାର ଅଭିଯୋଗ ରହିଛି। ଅତଏବ୍ କଟରଙ୍ଗ ଏବଂ ଟୁଲୁକା ଗ୍ରାମରୁ ବାସିନ୍ଦା ନ ହୋଇ ପ୍ୟାକେଜ୍ ଦିଆଯାଇଥିବା ଅଭିଯୋଗ ରହିଛି। କଟରଙ୍ଗ ଗ୍ରାମରେ ଜନ୍ମ ନ ହୋଇ ଗାଁକୁ ଦେଖିନଥିବା ବନ ବିଭାଗର କର୍ମଚାରୀ ଓ ପରିବାରକୁ ପ୍ୟାକେଜ୍ ଦେବା ସହିତ ବିବାହିତ ମହିଳା ମମତା ଗୁରଙ୍କୁ ମଧ୍ୟ ପ୍ୟାକେଜ୍ ଦିଆଯାଇଅଛି। ଗ୍ରାମ ବିସ୍ଥାପନ ସମ୍ପର୍କିତ କୌଣସି ଗ୍ରାମ ସଭା ଅନୁଷ୍ଠିତ ହୋଇ ନଥିବା ବେଳେ ସର୍ଭେ ଓ ଷ୍ଟଡି ନ ହୋଇ ତରବରିଆ ଭାବେ ପରିବାର ତାଲିକା ବନ ବିଭାଗର ମନମାନିରେ ହୋଇଛି। ଏପରିକି ଟୁଲୁକା ଗ୍ରାମର ଅଯୋଗ୍ୟ ହିତାଧିକାରୀ ନାବାଳିକା ମାନଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରା।ଇଅଛି। ଏସବୁ କ୍ଷେତ୍ରରେ ଜଣେ ସ୍ଥାନୀୟ ବନରକ୍ଷୀଙ୍କ ଜରିଆରେ ଏବଂ ପୂର୍ବତନ ଜିଲ୍ଲାପାଳଙ୍କ ସମର୍ଥନରେ ବନଖଣ୍ଡ ଅଧିକାରୀ ଦୁର୍ନୀତି କରିଥିବାର ଦୃଢ ଅଭିଯୋଗ ହୋଇଛି। ପୁରୁଣାକୋଟ୍ ଗ୍ରାମର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବ କିଶୋର ବିଶୋଇ ବିସ୍ଥାପନ ଓ ଥଇଥାନ କାର୍ଯ୍ୟକ୍ରମରେ ବ୍ୟାପକ ଦୁର୍ନୀତି ହୋଇଥିବାର ଲୋକାୟୁକ୍ତରେ କେସ୍ କରିଥିବା ଜଣାଯାଇଛି।

ଖବର ନେବାରେ ଜଣାଯାଏ କୋର୍ଟ ଓ ଆୟୋଗ ପକ୍ଷରୁ ଏହାର ଜବାବ୍ ଦେବା ପାଇଁ ଆସୁଥିବା ନିର୍ଦ୍ଦେଶରେ ବନଖଣ୍ଡ ଅଧିକାରୀ ନିଜକୁ ଚାଲାକି କରି ସୁରକ୍ଷିତ ରହିବା ପାଇଁ ତହସିଲ୍ ଅଫିସକୁ ଦୋଷାରୋପ କରୁଥିବା ଜଣାଯାଇଛି। ବନଖଣ୍ଡ ଅଧିକାରୀ ସଭ୍ୟ ସମ୍ପାଦକ ଭାବେ ନିଜର ଦାୟିତ୍ୱ ସଠିକ୍ ସମ୍ପନ୍ନ ନ କରି ଜିଲ୍ଲା ପ୍ରଶାସନକୁ ହାତବାରିସି କରି ଏକ ପ୍ରକାର ଜଙ୍ଗଲୀରାଜ୍ ଚଲାଇଥିଲେ। ଭୁର୍କୁଣ୍ଡି ଗ୍ରାମବାସୀ ବହୁବାର ଗ୍ରାମ ବିସ୍ଥାପନ ବିରୋଧ କରି ଆସୁଥିବା ବେଳେ ଏବଂ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ବନ ବିଭାଗ ଗାଁକୁ ବିସ୍ଥାପିତ କରି ଗ୍ରାମସଭା ଓ ସର୍ଭେ ନ କରି ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ପ୍ୟାକେଜ୍ ଟଙ୍କା ଜମା ଦେଇଥିବା ବିଶେଷ ସୂତ୍ରରୁ ଜଣାଯାଇଅଛି। ସାଲର, ପୁରୁଣାକୋଟ୍, ଛୋଟକେଇ, ମଝିପଡ଼ା ଓ ଗୋପାଳପୁର ଗ୍ରାମକୁ ବିସ୍ଥାପନ ନେଇ ଏକ ଜାଲିଆତି ସ୍ୱାକ୍ଷର ଦରଖାସ୍ତ ଆଧାରରେ ଗ୍ରାମ ବିସ୍ଥାପନ ନେଇ ଜିଲ୍ଲାସ୍ତରୀୟ କମିଟିରେ ଅନୁମୋଦନ କରିଥିବା ଜଣାଯାଇଛି। ସାଲର, ମଝିପଡ଼ା ଓ ଗଂଜଡା ଗ୍ରାମବାସୀ ଜାତୀୟ ଆଦିବାସୀ ଆୟୋଗ ଠାରେ ଅଭିଯୋଗମୂଳକ କେସ୍ କରିଥିବା ଜଣାଯାଇଛି। ଗ୍ରାମ ବିସ୍ଥାପନ, କ୍ଷତିପୂରଣ ପ୍ରଦାନ, ଥଇଥାନ ଓ ପୁର୍ନବସତି କାର୍ଯ୍ୟକ୍ରମରେ ବ୍ୟାପକ ଜାଲିଆତି, ଦୁର୍ନୀତି ଓ ପ୍ରିୟାପ୍ରୀତି ସହିତ ବେଆଇନ୍ କାର୍ଯ୍ୟ ହୋଇଥିବାର ବିଭିନ୍ନ ଆୟୋଗରେ କେସ୍ ହୋଇଛି। ସାତକୋଶିଆ ବନଖଣ୍ଡ ଅଧିକାରୀ ଜଣେ ଦୁର୍ନୀତିଗ୍ରସ୍ତ ଏବଂ ଜନ ବିରୋଧୀ ଅଧିକାରୀ ବୋଲି ଅଭୟାରଣ୍ୟବାସୀ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଅଭିଯୋଗ କରିଥିବା ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ସଭାପତି ନବ କିଶୋର ବିଶୋଇ ପ୍ରକାଶ କରିଛନ୍ତି।

- **ଉଚ୍ଚନ୍ୟାୟାଳୟରେ ୬ଟି ଏବଂ ଭିନ୍ନକ୍ଷମ ଆୟୋଗରେ ୩ କେସ୍**
- **ମାନବ ଅଧିକାର ଆୟୋଗରେ ୧୩ ଏବଂ ଏସ୍‌ଟି ଆୟୋଗରେ ବି ୩ କେସ୍**
- **ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ୟାକେଜ୍ ପ୍ରଦାନରେ ଦୁର୍ନୀତି; ଲୋକାୟୁକ୍ତରେ ମାମଲା**





## 'ଭାଷା ହିଁ ଭବିଷ୍ୟତ' ଆଲୋଚନାଚକ୍ର




କିଶୋରନଗର, ୬।୨(ସମିସ): ବିଶ୍ୱ ଓଡ଼ିଆ ଭାଷା ଦିବସ ଅବସରରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଭାଷା ହିଁ ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ପ୍ରଥମେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଲିପ୍ସା ପ୍ରଧାନ ଭଜନ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆଭିମୁଖ୍ୟ ଓ ଭାଷାର ଭବିଷ୍ୟତ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ବୀଣାପାଣି ସାହୁ, ରୁଚିସ୍ମିତା ପରିଡ଼ା, ନଳିନୀ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ତରଣୀସେନ ସାହୁ ସଭା ପରିଚାଳନା କରିଥିଲେ। ନାଟକ 'ପେଟେଣ୍ଟ ମେଡ଼ିସିନ' ଓ ନୃତ୍ୟ ପରିବେଷଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ମାନ ନିର୍ଦ୍ଧାରଣ ତାଲିମ



କିଶୋରନଗର, ୬।୨(ସମିସ): ଶିକ୍ଷା ବିଭାଗ ପକ୍ଷରୁ କିଶୋରନଗର ବ୍ଲକ ନତଡା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ମାନନିର୍ଦ୍ଧାରଣ ତାଲିମ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ତାଲିମରେ ସିଆର୍‌ସିସି ପ୍ରଫୁଲ୍ଲ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ ଯୋଗଦେଇ ଉଦଘାଟନ କରିବା ସହ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାଧନକର୍ମୀ ଭାବରେ ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ପ୍ରଦୀପ କଅଁର ଯୋଗଦେଇ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ।

## ଭେଟରାନ୍ କପ୍ କ୍ରିକେଟ: ବାମୁର ଚାମ୍ପିଅନ



କିଶୋରନଗର, ୬।୨(ସମିସ): ବାମୁର ଖେଳ ପଡ଼ିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ଓଷ୍ଟାପାଲ୍ଲୀ ଭେଟରାନ ଓ ବାମୁର ଭେଟରାନ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆୟୋଜକ ବାମୁର ଭେଟରାନ ୩ ୱିକେଟରେ ଓଷ୍ଟାପାଲ୍ଲୀକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଦେବବ୍ରତ ବେହେରା ଓ ମଧୁସୂଦନ ପ୍ରଧାନ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ନିତୁନ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ଓ ଜ୍ୟୋତିର୍ମୟ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ।

## ଧରମପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ଚୋରି

ତାଳଚେର, ୬।୨(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ଧରମପୁର ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ରବିବାର ବିଳମ୍ବ ରାତ୍ରିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ତାଳଚେର ସଦର ଥାନାରେ ଅଭିଯୋଗ ହୋଇଛି। ଇନଭର୍ଟର ମେସିନ, ବ୍ୟାଟେରୀ, ସିସି କ୍ୟାମେରା ମେସିନ, ହାର୍ଡ ଡିସ୍କ, ଅକ୍ସିଜେନ ସିଲିଣ୍ଡର ଏବଂ ବିଭିନ୍ନ ଉପକରଣ ଆଦି ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। କିଛିଦିନ ପୂର୍ବରୁ ଆରୋଗ୍ୟ କେନ୍ଦ୍ରରୁ ଗ୍ରିଲ ଚୋରି ହୋଇଥିବାବେଳେ ଅଞ୍ଚଳରେ ବିଭିନ୍ନ ଜାଗାରୁ ଚୋରି ହେଉଛି। ସଦର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାରମ୍ବାର ଚୋରି ହେଉଥିଲେ ମଧ୍ୟ ଚୋରର ଟେର୍ ନମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଶ୍ମଶାନ ସଫେଇ, ୪ ଶବଦାହସ୍ଥଳ ଚିହ୍ନଟ



ତାଳଚେରସଦର, ୬।୨(ସମିସ): ତାଳଚେର ମଣ୍ଡାପାଳସ୍ଥିତ ଶାନ୍ତି ଧାମ ଶ୍ମଶାନରେ ନୂତନ ଶବଦାହ ଗୃହ ପାଇଁ ସେଠାରେ ଥିବା ଲୁହା ଆଙ୍ଗଲକୁ ଉପାଡି ଦିଆ ଯାଇଥିଲା। ତେବେ ଶବ ଦାହ ନିମନ୍ତେ ଶବ ସ୍ଥଳରେ ଲୁହା ଆଙ୍ଗଲ ଖରାପ ହୋଇ ଉପୁଡିଯାଇଥିବା କାରଣରୁ ସହରରେ ଶବ ଦାହ ନିମନ୍ତେ ଘୋର ଅସୁବିଧା ସୃଷ୍ଟି ହେଉଥିଲା। ଏପରିକି ସ୍ଥାନ ଅଭାବରୁ ଶବକୁ ଏଣେତେଣେ ଦାହ କରିବାକୁ ପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ତାଳଚେର ପୌରପରିଷଦ ନଗରପାଳ ପବିତ୍ର ଭୁତିଆ ଶ୍ମଶାନକୁ ଯାଇ ସେହି ସ୍ଥଳର ଅବସ୍ଥାକୁ ଦେଖି ତୁରନ୍ତ ଶ୍ମଶାନ ସଫେଇ କରିବା ସହ ନିଜେ ରହି ଚାରୋଟି ସ୍ଥାନରେ ନୂତନ ଶବଦାହ ସ୍ଥଳ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଜେସିବି ଲଗାଇ ପାଉଁଶ ସଫେଇ କରିବା ସହ ଅନାବନା ଗଛ କାଟି ସଫା କରାଇଥିଲେ। ପ୍ରତ୍ୟେକ ରବିବାର ଏହି ଶ୍ମଶାନ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ ନଗରପାଳ।







## ଦଣ୍ଡସଂସ୍କୃତି ସମାଜ ମଙ୍ଗଳ ସଂଘ କାର୍ଯ୍ୟାଳୟ ପ୍ରତିଷ୍ଠା



ଅନୁଗୋଳ, ୬।୨(ସମିସ): ଅନୁଗୋଳର ପ୍ରଗତି ନଗରଠାରେ ରବିବାର ଉତ୍କଳୀୟ ଦଣ୍ଡସଂସ୍କୃତି ସମାଜ ମଙ୍ଗଳ ସଂଘର ସଭାଗୃହ ଓ କାର୍ଯ୍ୟାଳୟ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଉପସ୍ଥିତ ହୋଇ ଉକ୍ତ ସଭାଗୃହ ଓ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁଃଶାସନ ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ଉତ୍କଳୀୟ ଦଣ୍ଡ ସଂସ୍କୃତି ସମାଜ ମଙ୍ଗଳ ସଙ୍ଘର ସଭାପତି ହରମୋହନ ସାହୁ, ସମ୍ପାଦକ ପ୍ରଶାନ୍ତ ବେହେରା, କୋଷାଧକ୍ଷ ଶିଖିଧ୍ୱଜ ଦାସ, ଉପ ସଭାପତି ରାହାସ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟ ଉପଦେଷ୍ଟା ଦେବହରୀ ସାହୁ, ବାଜି ରାଉତ ଉତ୍କଳୀୟ ଦଣ୍ଡସ ସଂଘ ଢେଙ୍କାନାଳର ସଭାପତି ଉପେନ୍ଦ୍ର ମାହୁନ୍ତ ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟଶ୍ରୀ ହେମନ୍ତ ଦାସ ସହଯୋଗ କରିଥିଲେ। ଦିଲ୍ଲୀପ ଦାସ, ସନାତନ ନାଏକ, ଚିତ୍ତ ରଞ୍ଜନ ସ୍ୱାଇଁ, ପ୍ରଦୀପ ମହାଲିକ, ସନକ କାଣ୍ଡିଙ୍କ ସମେତ ବହୁ ଦଣ୍ଡ କଳାକାର ତଥା ଏଥିରେ ସମ୍ପୃକ୍ତ ସମସ୍ତ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ଉକ୍ତ ସ୍ଥାନରେ ଦଣ୍ଡନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଶ୍ରୀଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ କଳା ପରିଷଦର ସମାରୋହ

କଣିହାଁ, ୬।୨(ସମିସ): କଣିହାଁ ବ୍ଲକ ଟେଲକବେଡା ଗ୍ରାମ ଟିକିରା ନଦୀକୂଳ ଚେମିନି ଘାଟି ପାହାଡ଼ ପାଦଦେଶରେ ଥିବା ଗୁମ୍ଫା ନିକଟରେ ନିର୍ମିତ ହୋଇଛି ଭବ୍ୟ ଲକ୍ଷ୍ମୀନାରାୟଣ ମନ୍ଦିର। ଏହାର ପ୍ରତିଷ୍ଠା ଉତ୍ସବକୁ ନେଇ ଶନିବାର ନାମ ସଂକୀର୍ତନ ହୋଇଥିଲା। ରବିବାର ବିଗ୍ରହମାନଙ୍କର ମନ୍ଦିର ପ୍ରବେଶ ନୀତି, ଗୀତା ମହାଯଜ୍ଞ ସହିତ ଶ୍ରୀ ଜଗନ୍ନାଥ ଓଡିଶୀ ସଂକୀର୍ତ୍ତନ କଳାପରିଷଦ କଣିହାଁ ମଣ୍ଡଳର ଚତୁର୍ଦ୍ଦଶ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୯୦ଟି ଓଡିଶୀ ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ନଗର ପରିକ୍ରମା କରି ଉତ୍ସବ ସ୍ଥଳରେ ହରି ନାମ ପରିବେଷଣ କରିଥିଲେ। ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ଦେବ ଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଅସ୍ଥାୟୀ କାଠ ପୋଲରେ ଯାତାୟତ ବ୍ୟବସ୍ଥା, ସେଲଫି ପଏଣ୍ଟରେ ଭିଡ଼ ଦେଖିବାକୁ ମିଳିଥିଲା।



କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

# ୧୮ ଟି ସାମୂହିକ ଓ ୨୧୭ ଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜୀକୃତ

କେନ୍ଦ୍ରାପଡ଼ା, ୫।୨(ସମିସ): କେନ୍ଦ୍ରାପଡ଼ା ସଦର ମହକୁମାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ମ୍ୟୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ବି ଯୁଗଳ କିଶୋର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପାତାମ୍ବର ସାମଲ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଅନୀତା ପଟ୍ଟନାୟକ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା ତହସିଲଦାର ତାପସ ବେହୁରା, କେନ୍ଦ୍ରାପଡ଼ା ବିଡିଓ ବନ୍ଦନାଟପୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍



୨୩୫ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୧୮ ଗୋଟି ସାମୁହିକ ଅଭିଯୋଗ ଏବଂ ୨୧୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ରାସନକାର୍ଡ ପ୍ରଦାନ, ଚିକିତ୍ସା ସହାୟତା, ଇନ୍ଦିରା ଆବାସ ଯୋଜନା, ଜମି ବିବାଦ, ସରକାରୀ-ବେସରକାରୀ ଜମି ସୀମା ନିର୍ଦ୍ଧାରଣ, ବସୁନ୍ଧରା ଯୋଜନା ଆଦି ଦରଖାସ୍ତଗୁଡିକ ମୁଖ୍ୟ ସ୍ଥାନରେ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ଜଳି ସମସ୍ୟା, ପାନୀୟ ଜଳ ଯୋଗାଣ ସୁବିଧା, ଶିକ୍ଷାନୁଷ୍ଠାନ ସମସ୍ୟା, ଚେକ୍ ଡ୍ୟାମ୍ ନିର୍ମାଣ, ଗ୍ରାମ୍ୟ ରାସ୍ତା ନିର୍ମାଣ, ନୂତନ ରେଭେନ୍ୟୁ ଗ୍ରାମ ଘୋଷଣା, ଗ୍ରାମ୍ୟ ରାସ୍ତା ଅବରୋଧ ହଟାଇବା, ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ଆଦି ସମସ୍ୟାଗୁଡିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜନଶୁଣାଣି ଶିବିରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଲ୍ୟାପଟପ୍ ବଣ୍ଟନ ଯୋଜନା ଅଧିନରେ ଜଣେ ଦୃଷ୍ଟିବାଧିତ ଛାତ୍ର ସମ୍ପ୍ରିତ କୁମାର ବେହେରାଙ୍କୁ ଜିଲ୍ଲାପାଳ ଲ୍ୟାପଟପ୍ ପ୍ରଦାନ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବିଲକଣ ଅନ୍ତର୍ଗତ ତେରୋଡୀ ଗ୍ରାମର ଗୋପୀନାଥ ସ୍ୱାଇଁଙ୍କୁ ଥଇଥାନ ବ୍ୟବସ୍ଥା ପାଇଁ ରେଡକ୍ରସରୁ ୧୫ ହଜାର ଟଙ୍କାର ଚେକ୍ ଜିଲ୍ଲାପାଳ ପ୍ରଦାନ କରିଛନ୍ତି। ଚିକିତ୍ସା ସହାୟତା ପାଇଁ ମୋଟ୍ ୩୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଟଙ୍କା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି।

## ମୋବାଇଲ ହ୍ୟାକ୍ କରି ଟଙ୍କା ନେଇଗଲେ ଦୁର୍ବୃତ୍ତ

କେନ୍ଦ୍ରାପଡ଼ା, ୫।୨(ସମିସ): ମୋବାଇଲକୁ ହ୍ୟାକ୍ କରି ଜଣଙ୍କ କ୍ରେଡିଟ କାର୍ଡ ଆକାଉଣ୍ଟରୁ ଟଙ୍କା ହଡପ ହୋଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଠାକୁରପାଟଣା ବଳଦେବ ବିହାର ଅଞ୍ଚଳର ଅର୍ପଣ ଦାସଙ୍କ ମୋବାଇଲକୁ କେହି ଦୁର୍ବୃତ ପ୍ରଥମେ ହ୍ୟାକ୍ କରିଦେଲା।ଏହାପରେ ଧାରାବାହିକ ଭାବରେ ଓଟିପି ପଠାଇଥିଲା। ଓଟିପି ଆସିବାର କିଛି ସମୟ ପରେ କ୍ରେଡିଟ କାର୍ଡରୁ ୩ ଥରରେ ୨୪ ହଜାର ୯୯୦ ଟଙ୍କା କଟିଗଲା। ଏହାପରେ ଅର୍ପଣ ବିଚଳିତ ହୋଇ ଗ୍ରାହକ ସେବା କେନ୍ଦ୍ରକୁ ଫୋନ କରି କ୍ରେଡିଟ କାର୍ଡ ବନ୍ଦ କରିଦେଇଥିଲେ। ହେଲେ ଆକାଉଣ୍ଟରୁ ହଡ଼ପ କେମିତି ଆଉ କିଏ କଲା ସେନେଇ ସଦର ଥାନାରେ ଅର୍ପଣ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## କଂଗ୍ରେସର କର୍ମୀ ସମାବେଶ

ଡେରାବିଶ, ୫।୨ (ସମିସ): ଡେରାବିଶ ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ବ୍ଲକ ଅଧୀନସ୍ଥ ଗୁଆଳସିଂ ପଞ୍ଚାୟତ ଠାକୁରହାଟ ଠାରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୁଆଳସିଂ ପଞ୍ଚାୟତ ସଭାପତି ଅର୍ଜୁନ ଚରଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ କଂଗ୍ରେସ କର୍ମୀ ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ସଂଗଠନକୁ ସୁଦୃଢ଼ କରିବା ଦରକାର ବୋଲି ରତିକାନ୍ତ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ସଭାରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଚରଣ ପାତ୍ର, ରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା, ଗୋଲଖ ସ୍ୱାଇଁ, ରବୀନ୍ଦ୍ର ପ୍ରଧାନ, କୈଳାସ ଲେଙ୍କା, ଶିବ ପ୍ରସାଦ ସ୍ୱାଇଁ, ରଶ୍ମିତା ମହାନ୍ତି ପ୍ରମୁଖ ଏହି ସମାବେଶରେ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ରଶ୍ମିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ

ପଞ୍ଚୁପାଣ୍ଡବ, ୫।୨ (ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମରକେଶରୀ ସାମଲ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଶତ୍ରୁଘନ ମଲିକଙ୍କ ତତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମ୍ମାନିତ ଅତିଥିଭାବେ ସିଆରସିସି ମାମୁନି ସିଂହ ଓ ବିଦ୍ୟାଳୟର ପୂର୍ବତନ ସଭାପତି ରିୟାସଦ ସାହା ଯୋଗ ଦେଇଥିଲେ। ଦୋଳଗୋବିନ୍ଦ ମହରାଣା, ଦିନବନ୍ଧୁ ସାହୁ, ସୁରାତୁନ ବିବି ସୁଲତାନା ବିବି, ଗୀତା ଜେନା, ମାଳତୀ ମହାରଣା, ଶିବ ପ୍ରସାଦ ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମୀର ମୋଜୀବୁର ଓ ଉର୍ମିଳା ସାହୁ ପରିଚାଳନା କରିଥିଲା ବେଳେ ସଭାପତି ଗିରିଧାରୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୫।୨(ସମିସ): ଫକିରାବାଦ୍‌ର ଆଜାଦ କ୍ଲବ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ମାସ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଏକ ସର୍ବଭାରତୀୟ ସ୍ତରୀୟ ୪ଦିନିଆ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନ୍‌ଙ୍କ ସଭାପତିତ୍ୱରେ କ୍ଲବ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ସେକ୍ ଲିଆକତ ଅଲ୍ଲୀ ଟୁର୍ଣ୍ଣାମେଣ୍ଟ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ରଖିଥିଲେ। ଏହି ବୈଠକରେ ବିଜେଡି ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ, କ୍ଲବର ଉପସଭାପତି ମୀର ବକାଉଲ୍ଲା, କୋଷାଧ୍ୟକ୍ଷ ସେକ୍ ଅମୀର, ସେକ ସିରାନ ଅଲ୍ଲୀ, ଉପଦେଷ୍ଟା ସୟଦ ଅହେସାନ ଅଲ୍ଲୀସୟଦ ଅବଦୁଲ ସତ୍ତାର, ସୟଦ ଅକମଲ ଅଲ୍ଲୀ, ମୀର ୟାସିର ଆରାଫତ୍, ସେକ ଅକ୍ତର ଅଲ୍ଲୀ, ସମିଉଲ୍ଲାଖାନ୍, ମୀର ବଚମୀନ୍, ଫାୟାଜ୍ ମହମ୍ମଦ୍, ଜାହିଦ୍‌ଖାନ୍, ଓସିଉଲ୍ଲା ଖାନ୍, ମୀର ଅମୀର, କଲିମ ଖାନ୍, ସେକ ନଫିସ୍, ବାସା ଖାନ୍, ଅବଦୁଲ ମଜିଦ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋଜାବନ୍ଧ ସ୍କୁଲ ବିଜ୍ଞାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମହାକାଳପଡ଼ା, ୫।୨(ସମିସ): ମହାକାଳପଡ଼ା ବ୍ଲକ ଗୋଜାବନ୍ଧ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପାଇଛନ୍ତି। ଛାତ୍ର ଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବା ପାଇଁ ବ୍ଲକସ୍ତରୀୟଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟଓ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ବିଦ୍ୟାଳୟରେ ଆୟୋଜନ କରିବା ସହିତ ବିଭିନ୍ନ ସ୍ଥାନରେ ଭାଗ ନେଇ ଶ୍ରୀ ଦାସ ସମ୍ମାନିତ ହୋଇଥିଲେ।ବିଜ୍ଞାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷ ଭି କେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗହୀରମଥାରୁ ୨ ବୋଟ୍ ଜବତ, ୧୯ ମତ୍ସ୍ୟଜୀବୀ ଗିରଫ




ରାଜନଗର, ୫।୨(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ୨ଟି ବୋଟ ଜବତ କରିବା ସହ ଏଥିରେ ଥିବା ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି, ଫରେଷ୍ଟଗାର୍ଡ ଶତ୍ରୁଘନ ତପ୍ପଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଏକକୁଳା ଓ ଚିଞ୍ଚିରି ବିଟ ନିକଟରେ ମା ଧମରାଇ ଓ ସାଇ ରଶ୍ମି ନାମକ ୨ ଟି ବୋଟ କୁ ଜବତ କରିବା ସହ ଏଥିରେ ଥିବା ଶ୍ରୀମନ୍ତ ମଣ୍ଡଳ, ଶ୍ରୀମନ୍ତ ସିଂ, ଗୋବିନ୍ଦ ପାତ୍ର, ତପନ ମଣ୍ଡଳ, ନିତାଇ ଶେଟ, ରବୀନ୍ଦ୍ର ସିଂ, ସୁକୁମାର ସିଂ, ସିଧେଶ୍ୱର ମଣ୍ଡଳ, ଗୋବର୍ଦ୍ଧନ ଗିରି, ପୂର୍ଣଚନ୍ଦ୍ର ମାଝୀ, ଲକ୍ଷ୍ମୀଧର ମାଝୀ, ଶ୍ରୀକୃଷ୍ଣ ମଣ୍ଡଳ, ଦେବରାଜ ବେହେରା, ସପନ ମଣ୍ଡଳ, ବୁଦ୍ଧିରାମ ପରିଡ଼ା, କାଳନ୍ଦୀ ମାଝୀ, ରମେଶ ମଳିକ, ଗୟାଧର ମଳିକ ପ୍ରମୁଖ ୧୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ୨ଟି ବୋଟ ରୁ ୧୫ କେଜି ମାଛ, ୨ଟି ଜି ପି ଏସ, ୫ଟି ଭି ଏଚ ଏଫ, ୨ଟି ଫିସ ଫାଇଣ୍ଡର ଓ ୧୨ ଟି ଟ୍ରଲିଂ ଜାଲ, ୧ଟି କାନି ଜାଲ, ୧ଟି ଲିଶା ଜାଲ ଓ ୧ଟି ଟୋନେ ଜାଲ ଜବତ କରାଯାଇଛି।

## ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ମାର୍ଶାଘାଇ, ୫।୨(ସମିସ): ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଳପୋକ ପଞ୍ଚାୟତର ମୁଖ୍ୟ ରାସ୍ତା ଭାବେ ପରିଚିତ ଲୁଣା ନଦୀ ବନ୍ଧ ରାସ୍ତା ସୁଦୃଢ଼ୀକରଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରାର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ରଫଣ୍ଡ



ଜରିଆରେ ଏହି କାର୍ଯ୍ୟ କରିବାକୁ ୫କୋଟି ୩୫ ଲକ୍ଷ ଟଙ୍କା ର ବ୍ୟୟ ବରାଦ କରିଛନ୍ତି। ଜଳସମ୍ପଦ ବିଭାଗ ଅଧିନ ମହାନଦୀ ଉତ୍ତରଖଣ୍ଡ ବିଭାଜନ ର କରାଣ୍ଡିଆ ବାମପାର୍ଶ୍ୱ ଏବଂ ଲୁଣା ନଦୀର ବାମ ପାର୍ଶ୍ୱ ନଦୀ ବନ୍ଧର ସଠିଲୋ ଠାରୁ ବସୁପୁର ବ୍ରିଜ ପର୍ଯ୍ୟନ୍ତ ବନ୍ଧକୁ ପ୍ରଶସ୍ତ ଏବଂ ସୁଦୃଢ଼ୀ କରଣ କରାଯିବ। ଭିତ୍ତିପ୍ରସ୍ତର ସ୍ଥାପନ ପରେ କଣିବାଙ୍କ ଗ୍ରାମର ଗୋପୀନାଥ ଜୀଉ ମଠ ନିକଟରେ ଏକ ସଭା ଆୟୋଜିତ ହୋଇଥିଲା। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ଅଞ୍ଜୁ ଅଗ୍ରୱାଲ, କରିଲୋପାଟଣା କଲେଜ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଅରକ୍ଷିତ ସାମନ୍ତରାୟ, ଜଳପୋକ ସମିତି ସଭ୍ୟଙ୍କ ପ୍ରତିନିଧି ଟୁଲୁ ପଟ୍ଟନାୟକ, ବନ୍ଧକଟା ସରପଞ୍ଚ ଗୌତମ ମଲିକ, ଯମପଡ଼ା ସରପଞ୍ଚ ମନୋଜ କୁମାର ପରିଡ଼ା, ବଛାରାଇର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ, ମେହେନ୍ଦିନଗର ଯୁବନେତା ଭରତ ଲେଙ୍କା, ଆଇତିପୁର ସରପଞ୍ଚଙ୍କ ପ୍ରତିନିଧି ଆଶୁତୋଷ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ମେଜର ଭରତ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ନୃସିଂହ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ନଦୀବନ୍ଧ ସୁଦୃଢ ହେବା ସହିତ ପ୍ରଶସ୍ତ ରାସ୍ତା ନିର୍ମାଣ ହେବ। ବସୁପୁର, ନାନକର, ଶ୍ରୁତିପୁର, କଣିବାଙ୍କ, ପକ୍ଷଟ, ଜଳପୋକ, ସଠିଲୋ, ସଲାର, ଶିଶୁଆ ପ୍ରମୁଖ ଗାଁକୁ ଗମନାଗମନ ନେଇ ସୁବିଧା ହେବ।

## କେନ୍ଦ୍ରାପଡ଼ା ପୌର ପରିଷଦ ପକ୍ଷରୁ ଓଡ଼ିଆ ଭାଷା ସମ୍ମିଳନୀ

କେନ୍ଦ୍ରାପଡ଼ା, ୫।୨(ସମିସ): କେନ୍ଦ୍ରାପଡ଼ା ପୌରସଂସ୍ଥା ତରଫରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ପୌରସଂସ୍ଥାର ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କଥାକାର ପ୍ରାଧ୍ୟାପକ ଡଃ ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ କବି ନାରାୟଣ ଚନ୍ଦ୍ର ପତି, ଉପାଧ୍ୟକ୍ଷା ଆକବରୀ ଖାତୁନ ଭାବେ ଓଡିଆ ଜାତିର ଅସ୍ମିତା ଓ ପୂର୍ବଜମାନଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଓଡ଼ିଶା ପ୍ରଦେଶ ଗଠନ, ଶାସ୍ତ୍ରୀୟ ମାନ୍ୟତା ଓ ଭାଷା ସୁରକ୍ଷା ଆନ୍ଦୋଳନ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନର ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ଦେଇଥିବାବେଳେ କେନ୍ଦ୍ରାପଡ଼ା ପୌରସଂସ୍ଥାର କ୍ୟାସିଅର୍ କବି ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ପୌରସଂସ୍ଥା ତରଫରୁ କରାଯାଇଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ଓଡିଆ ସାହିତ୍ୟ ପ୍ରତିଯୋଗିତା, ଚିତ୍ରାଙ୍କନ, ବକ୍ତୃତା ଓ ରଚନାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ନୂପୁର ନୃତ୍ୟ ଏକାଡେମୀ ଓ ନେତାଜୀ ମଡେଲ ପବ୍ଲିକ ସ୍କୁଲର ଛାତ୍ରୀ କ୍ରିଷ୍ଣା କୁମାରୀ ଗାହାଣ ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଶୋକ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଞ୍ଜୀବ କୁମାର ମହାନ୍ତି, ସୁଚିସ୍ମିତା ଜେନା, ପ୍ରଶାନ୍ତ ନାୟକ, ପ୍ରତୀକ୍ଷା ନାୟକ, ବି ସ୍ୱପ୍ନା, ବନମାଳୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ହତ୍ୟା ଘଟଣା; ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ରାଜନଗର, ୫।୨(ସମିସ): ରାଜନଗର ଥାନା ଅନ୍ତର୍ଗତ ବନ୍ଧପଡ଼ା ପଞ୍ଚାୟତ ଖଣ୍ଡେଇପଡ଼ା ଗାଁର ନିରଞ୍ଜନ ସ୍ୱାଇଁଙ୍କ ପତ୍ନୀ ସାଗରୀକା ସ୍ୱାଇଁଙ୍କର ପେଟ କାଟି ହତ୍ୟା ଘଟଣାର ୨ ଦିନ ପରେ ବି ପୁଲିସ ଘଟଣା ପଛର ରହସ୍ୟକୁ ଖୋଜି ପାଉନି। ଏହି ଘଟଣାରେ ମୃତ ସାଗରିକଙ୍କ ସ୍ୱାମୀଙ୍କ ଏତଲା ଉପରେ ରାଜନଗର ଥାନାରେ ୪୯/୨୦୨୪ରେ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ହେବ ପରେ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ପରିବାର ଲୋକେ ଓ ଗ୍ରାମବାସୀ ମୃତ ମହିଳାଙ୍କର କାହା ସହିତ ବିବାଦ ନଥିବା କହୁଥିବା ବେଳେ ମହିଳାଙ୍କୁ କିଏ କହିକି ମାରିବ ତାହା ରହସ୍ୟବୃତ ହୋଇପଡ଼ିଛି।ପଟ୍ଟାମୁଣ୍ଡାଇ ଏସଡିପିଓ।ମା ସାଗର ପଣ୍ଡା, ଆଇଆଇସି ଅଜୟକୁମାର ଜେନା ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ଗତକାଲି ସନ୍ଧ୍ୟାରେ ଛାନବିନ କରିବା ସହିତ ରକ୍ତ ଭିଜା ବ୍ଲେଡ ଓ ବିଭିନ ସ୍ଥାନରେ ପଡ଼ିଥିବା ରକ୍ତ ଭିଜା ମାଟି ଓ ମାଂସ ଟୁକୁଡା ଜବତ କରିଛନ୍ତି। ଏହା ବ୍ୟତୀତ ମୃତ ସାଗରିକଙ୍କ ସ୍ୱାମୀଙ୍କ ଏତଲା ଅନୁଯାୟୀ ଦୁର୍ବୃତ୍ତ ତାଙ୍କର ସୁନା କାନଫୁଲ ନେଇ ଯାଇଛନ୍ତି। ଗୋଟିଏ ହଳ ସୁନା କାନଫୁଲ ପାଇଁ ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିଛନ୍ତି ନା ଆଉ କିଛି ରହସ୍ୟ ପରିବାର ଲୋକେ ଲୁଚାଉଛନ୍ତି ତାହା ଏବେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଭୋର ୪ଟା ବେଳେ ସାଗରୀକା ବାହାରକୁ ପରିସ୍ରା ପାଇଁ ଉଠିଥିଲେ।ଏହାର ଅଧଘଣ୍ଟା ପରେ ସାଗରୀକାଙ୍କ ଚିତ୍କାର ଶୁଣି ନିରଞ୍ଜନ ଓ ଯାଆ ବାହାରକୁ ଯିବା ବେଳକୁ ବାଡ଼ି ପଟ ଖତଗଦା ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ବେଳେ ତଳି ପେଟ କଟା ହୋଇ ଅନ୍ତବୁଜୁଳା ବାହାରକୁ ବାହାରି ପଡ଼ିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାଗରୀକାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ ନେବା ବାଟରେ ଚାନ୍ଦୋଳ ନିକଟରେ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଶବ ନେଇ ଘରକୁ ଆସିଥିଲେ। ନିରଞ୍ଜନଙ୍କ ବାଡ଼ି ପଟ ପୋଖରୀ ନିକଟରେ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ପୋଖରୀ ନିକଟରେ ରକ୍ତଭିଜା ବ୍ଲେଡ ପଡ଼ିଥିଲା। ପୋଖରୀରୁ ଖତଗଦା ମଧ୍ୟରେ ରକ୍ତ ଛିଟା ସହିତ ଛୋଟ ଛୋଟ ମାଂସଖଣ୍ଡ ବିଭିନ୍ନ ସ୍ଥାନରେ ପଡ଼ିଛି।ପରିବାର ଲୋକେ ତାଙ୍କ ଆଡୁ ପୁଲିସକୁ ସୂଚନା ନଦେବା ଓ ପୋଲିସ ଖବର ଜାଣି ଘଟଣା ସ୍ଥଳରେ ପହଞ୍ଚିବା ଘଟଣାକୁ ଅଧିକ ରହସ୍ୟବୃତ୍ତ କରିଛି।

## ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସହିଦ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ଗରଦପୁର, ୫।୨(ସମିସ): ମଣିପୁରରେ ସିଆରପିଏଫ ଜବାନ ଭାବରେ କାର୍ଯ୍ୟ କରୁଥିବା ବେଳେ ଡିୟୁଟି ସମୟରେ ହୃଦଘାତରେ ସହିଦ ହୋଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଓଉପଡ଼ା ଗ୍ରାମର ସନାତନ ପ୍ରଧାନ। ସହୀଦ ସନାତନ ଗତକାଲି ସକାଳେ ଡିୟୁଟିରେ ଥିବା ସମୟରେ ହୃଦଘାତରେ ସହୀଦ ହେବାପରେ ତାଙ୍କର ପାର୍ଥୀବ ଶରୀରକୁ ଜନ୍ମମାଟି ଓଉପଡ଼ାକୁ ଅଣାଯାଇ ଗାଁ



ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସହୀଦ ସନାତନଙ୍କ ପାର୍ଥୀବ ଶରୀରକୁ ନିଜ ଗ୍ରାମ ସହିତ ତିକନନପୁର ପଞ୍ଚାୟତ ପରିକ୍ରମା କରାଯାଇ ଶେଷରେ ଗାଁ ଶ୍ମଶାନରେ ପହଞ୍ଚିବା ପରେ ସିଆରପିଏଫ ଯବାନଙ୍କ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଏହି ସମୟରେ ଗରଦପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଲୋକେ ସହୀଦ ଜବାନଙ୍କୁ ଲୁହଭରା ଆଖିରେ ବିଦାୟ ଦେବା ସହିତ ବହୁ ବିଶିଷ୍ଟ ବ୍ୟକ୍ତି ମାନଙ୍କ ଉପସ୍ଥିତ ମଧ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ହାବିଲଦାର ଡିଜି ଶିବଶଙ୍କର ନାୟକ (ସାଥୀ ଯବାନ), ମଧୁମିତା ଅଗ୍ରୱାଲ, ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସ୍ଥାନୀୟ ସରପଞ୍ଚ ସନ୍ତୋଷ ମାହାଳୀ ପ୍ରମୁଖ ଉପସ୍ଥିତ ରହି ସହୀଦ ସନାତନଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏହି ସମୟରେ ସମଗ୍ର ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଥିଲା।

## ଖସାଡ଼ି ଛକରେ ମୁଖ୍ୟରାସ୍ତାର ଶିଳାନ୍ୟାସ

ମାର୍ଶାଘାଇ, ୫।୨(ସମିସ): ମାର୍ଶାଘାଇ ବ୍ଲକ ହିନ୍ଦୁଳିଆ-ଖସାଡିଛକ କେନାଲବନ୍ଦରୁ-ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପ୍ରଶସ୍ତିକରଣ ଯୋଜନାକୁ ଖାଦ୍ୟ-ଯୋଗାଣ ଖାଉଟୀ କଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମହିଳା ସଂଗଠନ ତରଫରୁ ବିରାଟ ଶୋଭାଯାତ୍ରାର ପଞ୍ଚାୟତ ପରିକ୍ରମା ଓ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମରେ ମନ୍ତ୍ରୀ



ଶ୍ରୀ ନାୟକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ ଯୋଜନା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇ ଆଗାମୀ ନିର୍ବାଚନରେ ପୁର୍ନବାର ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ୬ଷ୍ଟ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଦଳୀୟ ମହିଳା ଓ ଯୁବକର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ରାସ୍ତାକୁ ୪କୋଟି ବ୍ୟୟବରାଦରେ ହିନ୍ଦୁଳିଆ ଭାୟା ଟିବୁ ହୁଡା ଓ ନାଉଡି ପର୍ଯ୍ୟନ୍ତ ୫.୬୦କି.ମି ରାସ୍ତା ପକ୍କା କଂକ୍ରିଟ ଓ ପିଚୁରାସ୍ତା ନିର୍ମାଣ କରିବାକୁ ଶିଳାନ୍ୟାସ କରିବା ଅବସରରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରାଯାଇଥିବା କହିଥିଲେ। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶର୍ମିଷ୍ଠା ନାୟକ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, କେନ୍ଦ୍ରାପଡ଼ା ଆସିଏମ୍‌ସି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡ଼ା, ଜିଲାପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ଜିଲାପରିଷଦ ରଶ୍ମୀରଞ୍ଜନ ରାଉତ, ପ୍ରତାପ ମଲ୍ଲିକ୍, ସରପଞ୍ଚ ମନୋଜ ସ୍ୱାଇଁ, ଭାରତୀ ଦଳାଇ, ସମିତି ସଭ୍ୟା ସୁନତି ଦାସ, ସମିତି ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ, ସରପଞ୍ଚ ପ୍ରଭାତ ରଞ୍ଜନ ଦାସ, ମାଧବାନନ୍ଦ ପାତ୍ର, ପୂର୍ବତନ ସରପଞ୍ଚ ପ୍ରତାପ ରାଉତ ପ୍ରମୁଖ ଯୋଗଦେଇଥିଲେ।

ପଞ୍ଚାୟତସ୍ତରୀୟ ସଚେତନତା ଶିବିର

# 'ମୁଖ୍ୟମନ୍ତ୍ରୀ, '୫-ଟି' ସଚିବଙ୍କ ଯୋଗୁଁ ପଞ୍ଚାୟତର ବିକାଶ ହେଉଛି'

ଗରଦପୁର, ୫।୨(ସମିସ): ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟର ବିକଶିତ ବାର୍ତ୍ତା ଭିଡ଼ିଓ ମାଧ୍ୟମରେ ଆଜି ଗରଦପୁର ପଞ୍ଚାୟତର ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିଛି। ବହୁ ବିକାଶପୂର୍ଣ୍ଣ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳର ଅନେକ ଜନହିତକାରୀ କାର୍ଯ୍ୟକୁ ନେଇ ଏହି ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଦ୍ୱାରା ଗରଦପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷଙ୍କ ଯୋଗୁଁ ଗରଦପୁର ପଞ୍ଚାୟତରେ ଆଜି ବିକାଶ ହୋଇପାରିଛି। ଭତ୍ତାଠାରୁ ଆରମ୍ଭ କରି ଆବାସ ଯୋଜନା ପର୍ଯ୍ୟନ୍ତ ଲୋକଙ୍କୁ ହାତ ପାହନ୍ତାରେ ମିଳିପାରିଛି ବୋଲି କାର୍ଯ୍ୟକ୍ରମ ଜରିଆରେ କୁହାଯାଇଥିଲା।। ଏହି କାର୍ଯ୍ୟକ୍ରମରେ ଗରଦପୁର ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତର ସରପଞ୍ଚ ଅନିତା ମହାଳି ସମ୍ପାଦନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ଯୋଗଦେଇ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଗରଦପୁର ବ୍ଲକରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ



ପାଇଁ ସହାୟକ ହେବ ବୋଲି ଉପସ୍ଥିତ ସାଧାରଣ ଲୋକଙ୍କୁ କହିଥିଲେ। ଏହା ସହିତ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ଅଧ୍ୟକ୍ଷ ବାସୁଦେବ ବେହେରା, ପାଖଡ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ଚନ୍ଦ୍ର ସ୍ୱାଇଁ, ଯୁବନେତା ରମାକାନ୍ତ ବେହେରା, ବଙ୍ଗାଳପୁର ପଞ୍ଚାୟତ ସରପଞ୍ଚ ଅମୀୟ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆକର୍ଷଣ କରିବା ପାଇଁ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିବାବେଳେ ପଞ୍ଚାୟତର ଶତାଧିକ ଲୋକ ଭିଡ ଜମାଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ଲିଫଲେଟ, ବ୍ୟାନର, ଭିଡ଼ିଓ ଜରିଆରେ ପ୍ରଦର୍ଶିତ ହୋଇଥିଲା।

## ରବିଋତୁ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

# ଡାଲି, ତୈଳବୀଜ ଓ ଆଖୁଚାଷ ଉପରେ ଗୁରୁତ୍ୱ

ଜଗତସିଂହପୁର, ୫।୨(ସମିସ) : ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ରବି ଋତୁ ୨୦୨୩- ୨୪ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲପାଳ ପାରୁଲ ପଟାୱରି ଜଗତସିଂହପୁର ଜିଲ୍ଲାକୁ ଏକ କୃଷି ପ୍ରଧାନ ଜିଲ୍ଲା ଭାବେ ସମ୍ବୋଧିତ କରିବା ସହ ଚାଷୀ ମାନଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସମସ୍ତ କୃଷକ ପରିବାର କିପରି ଏହି ସୁବିଧା ଉପଲବ୍ଧ କରିପାରିବେ ଏବଂ ଆଗାମୀ ରବି ଋତୁ ରେ ଅଧିକ ଡାଲି ଜାତୀୟ ଫସଲ, ତୈଳ ବୀଜ ଚାଷ ପାଇଁ ଚାଷୀ ମାନଙ୍କୁ ଉନ୍ନତ ମାନର ବିହନ, ସାର, କୀଟନାଶକ ଔଷଧ ଯୋଗାଇବା ପାଇଁ କୃଷି ଅଧିକାରୀ ମାନଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଧିକ ରୁ ଅଧିକ ଚାଷୀ ଙ୍କୁ ଚିନାବାଦାମ ଚାଷ ନିମନ୍ତେ ଆବଶ୍ୟକୀୟ ଉପାଦାନ ଯୋଗାଇଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପାଇଁ ଧାର୍ଯ୍ୟ ହୋଇଥିବା ଉତ୍ପାଦନ ଲକ୍ଷ୍ୟ ଏବଂ ବ୍ଲକ ପ୍ରତି ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ପୂରଣ ନିମନ୍ତେ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ଭେଜିଟେବୁ ମିନିକିଟ ଯୋଗାଇଦେବାକୁ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଙ୍କୁ ନିର୍ଦ୍ଦେଶ ଦେଇଥିଲେ।ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଛତୁ ଓ ଫୁଲଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବାକୁ ପରାମର୍ଶ ଦେଇଥିଲେ।ଜିଲ୍ଲାର ତିର୍ତ୍ତୋଲ, ବିରିଡି, ରଘୁନାଥପୁର ଅଞ୍ଚଳରେ ଆଖୁଚାଷ କରାଯାଉଛି। ଜିଲ୍ଲାରେ ଅନୁକୂଳ ମାଟି ର ଆର୍ଦ୍ରତା ଏବଂ ଜଳସେଚନ କୁ ଦୃଷ୍ଟିରେ ରଖି ଆଗାମୀ ରବି ଋତୁ ରେ ୯୦, ୯୪୨ ହେକ୍ଟର ଜମିରେ ବିଭିନ୍ନ ଧାନ ଏବଂ ଅଣଧାନ ଫସଲ ଯଥା ଧାନ ୨, ୨୨୦ ହେକ୍ଟର, ଡାଲି ଜାତୀୟ ଫସଲ ୬୫, ୮୨୦ ହେକ୍ଟର, ତୈଳ ବୀଜ ଜାତୀୟ ୩୧୬୦ ହେକ୍ଟର, ପନିପରିବା ଓ ମସଲା ଜାତୀୟ ୧୮୫୯୦ ହେକ୍ଟର କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ରବି ଋତୁରେ କେନାଲ ମାଧ୍ୟମରେ ୨୨, ୮୮୨ ହେକଟର, ୫୬, ୫୨୮ ହେକ୍ଟର ଜମିରେ ଯଥା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୭୦୦୧ ହେକ୍ଟର, ଅଗଭୀର ନଳକୂପ ମାଧ୍ୟମରେ ୧୮୯୬୭ ହେକ୍ଟର, ସେଚକୂପ ୧୨୦ ହେକ୍ଟର, ଏବଂ ଅନ୍ୟାନ୍ୟ ଜଳ ଉତ୍ସ ରୁ ୭୫୫୯ ହେକ୍ଟର ଜମିରେ ଜଳସେଚନ ପାଇଁ ସ୍ଥିର କରାଯାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଚାଷୀ ମାନଙ୍କୁ ଶତକଡା ୫୦ ଭାଗ ରିହାତି ରେ ବିଭିନ୍ନ କୃଷି ଯନ୍ତ୍ରପାତି ଯୋଗାଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୀବ କୁମାର ମୁଦାଲି କାର୍ଯ୍ୟସୂଚୀ ଅନୁଯାୟୀ ଖରିଫ ଋତୁରେ ଲକ୍ଷ୍ୟ ପୂରଣ ଏବଂ ରବି ଋତୁରେ ବିଭିନ୍ନ ଫସଲର ଲକ୍ଷ୍ୟ ଧାର୍ଯ୍ୟ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଏଲ୍ ଡି ଏମ୍ ଦମୟନ୍ତୀ ମୁର୍ମୁ, ଉଠା ଜଳସେଚନର ନିର୍ବାହୀ ଯନ୍ତ୍ରୀ, ଜଳସେଚନ ଅଧିକ୍ଷଣ ସହକାରୀ ପ୍ରଦୀପ କୁମାର ନାୟକ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ, ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ଉପସ୍ଥିତ ଥିଲେ। ଶେଷରେ କୃଷି ଜିଲ୍ଲା ଅଧିକାରୀ ନବ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




■ ମହିଳାଙ୍କୁ ସଶକ୍ତ କରିବାକୁ ଛତୁ ଓ ଫୁଲଚାଷ ପାଇଁ ପ୍ରୋତ୍ସାହନ ମିଳୁ

## ● ପାରାଦୀପ ବନ୍ଦରର ଆଉ ଏକ ରେକର୍ଡ

## ଦିନକରେ ୭୯ଟି ରେକ୍ ପଣ୍ୟ କାରବାର

ପାରାଦୀପ, ୫।୨ (ସମିସ): ଗୋଟିଏ ଦିନରେ ୭୯ଟି ରେକ୍‌ର ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର। ଫେବୃୟାରୀ ୪ ତାରିଖ ଦିନ ପାରାଦୀପ ବନ୍ଦର ୭୯ଟି ରେକ୍‌ର ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଏହା ଗୋଟିଏ ଦିନରେ ସର୍ବାଧିକ ରେକ୍ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।୨୮ ଗୋଟି ରେକ୍ ବନ୍ଦର ମଧ୍ୟରୁ ଯାଇଥିବା ବେଳେ ୫୧ଟି ରେକ୍ ବନ୍ଦର ମଧ୍ୟକୁ ଆସିଥିଲା। ଗତ ବର୍ଷ ଫେବୃୟାରୀ ମାସ ୧୮ ତାରିଖ ଦିନ ୭୫ଟି ରେକ୍‌ର ପଣ୍ୟ କାରବାର ହୋଇଥିଲା। ଚଳିତ ବର୍ଷ ଏହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି ହୋଇଥିବା ନେଇ ସୂଚନା ମିଳିଛି। ଏହି ସଫଳତା ପରେ ଅଧକ୍ଷ ପି.ଏଲ୍.ହରନାଦ ପାରାଦୀପ ବନ୍ଦର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ହାସଲ ପଛରେ ଷ୍ଟେକ୍ ହୋଲଡରମାନଙ୍କୁ ଅଧକ୍ଷ ଶ୍ରୀ ହରନାଦ ଶୁଭେଚ୍ଛା ଜଣାଇଛନ୍ତି।

## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ



ଜଗତସିଂହପୁର, ୫।୨(ସମିସ): ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଭାବେ ଅନୀତା ପାତ୍ର ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଜିଲ୍ଲାପାଳ ପାରୁଲ ପଟାୱରିଙ୍କୁ ସେ ସାକ୍ଷାତ କରି କାର୍ଯ୍ୟାରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ଜିଲ୍ଲାର ବିଡିଓ ଓ ତହସିଲଦାର ମାନେ ଶ୍ରୀମତୀ ପାତ୍ରଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀମତୀ ପାତ୍ର ପୂର୍ବରୁ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରଶାସନିକ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଛନ୍ତି। ଆଜି କାର୍ଯ୍ୟରେ ଯୋଗଦାନ ପୂର୍ବରୁ ସେ ପ୍ରଥମେ ମା' ଶାରଳାଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ବିରିଡି, ୫।୨(ସମିସ): ବିରିଡି ବ୍ଲକ ପଞ୍ଚାୟତରାଜ ହାଇସ୍କୁଲ ୧୯୯୧ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ସ୍ଥାନୀୟ ଧାନକୁଦ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ତ୍ରିପାଠୀ, ଅଜୟକୁମାର ବେହେରା, ଦିପ୍ତୀକିଶୋର ଭୂୟାଁ, ବିଶ୍ୱରଞ୍ଜନ ମହାରଣା, ମମତାଞ୍ଜଳୀ ସ୍ୱାଇଁ, ସ୍ୱର୍ଣ୍ଣଲତା ଦାସ, ତୁଳସୀ ସ୍ୱାଇଁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ରିଆନା ଖାତୁନ, ରାଜଶ୍ରୀ ରାଉତ, ସକିନା ବିବି, ମନୋଜ ଦାସ, ସୁବାଶିଷ ପାତ୍ର, ସରୋଜ ବେହେରା, ହୃଷିକେଶ ପ୍ରଧାନ, ମୁମତାଜ ଅଲ୍ଲୀ, ରଶ୍ମୀକାନ୍ତ ମହାନ୍ତି, ପିନାକୀ କର, ଅଭୟକୁମାର ସ୍ୱାଇଁ, ଗୁରୁଚରଣ ସାହୁ, ଅଶୋକ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ।

## ସଚେତନତା କାର୍ଯ୍ୟକ୍ରମରେ ଆସୁନାହାନ୍ତି ଭତ୍ତାଧାରୀ କଳାକାର



ଏରସମା, ୫।୨ (ସମିସ) : ରାଜ୍ୟରେ ସରକାରଙ୍କ ପକ୍ଷରୁ ୫୦ବର୍ଷ ବୟସ ପୂରିଲେ ସଠିକ କଳାକାରଙ୍କୁ ମାସିକ ଭତ୍ତା ୧୨ଶହ ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ଭତ୍ତା ପାଉଥିବା କଳାକାର ସରକାରଙ୍କ କାର୍ଯ୍ୟରେ ଦେଖିବାକୁ ମିଳୁନି ବୋଲି ଅଭିଯୋଗ ହୋଇଛି। ସେପଟେ ସରକାରଙ୍କ ବିଭିନ୍ନ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବାକୁ ଗାଁ ଓ ବଜାର ଘାଟରେ ସାଂସ୍କୃତିକ କଳା ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। କିନ୍ତୁ ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତର କିଛି କଳାକାର ସରକାରଙ୍କ ଠାରୁ ଭତ୍ତା ପାଉଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟରେ ନିୟୋଜିତ ହେଉନାହାନ୍ତି ବୋଲିଅଭିଯୋଗ ହୋଇଛି। ତେବେ ସରକାରଙ୍କ କାର୍ଯ୍ୟ ସରିଲେ ଏରସମା ବ୍ଲକରେ ଥିବା କେତେ କଳାକାର ଅଛନ୍ତି ତାହାର ସମସ୍ତ ତଥ୍ୟ ଆରଟିଆଇ ଆକ୍ଟରେ ମଗାଯିବ ବୋଲି ସମାଜସେବୀ ସତ୍ୟବ୍ରତ ସାମଲ କହିଛନ୍ତି। ଏହି ବିଷୟରେ ବ୍ଲକରେ ଥିବା ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନଥିଲା।

## ମାଇନିଂ ବିଭାଗ ପକ୍ଷରୁ ଚୋରା ବାଲି ଚାଲାଣ ଉପରେ ଚଢ଼ଉ

# ୩ ହାଇୱା ଜବତ; ପୁଲିସକୁ ହସ୍ତାନ୍ତର

ଜଗତସିଂହପୁର, ୫।୨(ସମିସ); ଦେବୀନଦୀ ଆଳିପିଙ୍ଗଳ ଠାରେ ବଛସାଇଲୋ (କେତିକିଶ୍ୱର) ବାଲି ଘାଟରୁ ବେଆଇନ ଭାବରେ ବାଲି ଚାଲାଣ ହେଉଥିବା ବେଳେ ମାଇନିଂ ବିଭାଗ ପକ୍ଷରୁ ତିନିଟି ବାଲିବୋଝେଇ ହାଇୱାକୁ ଜବତ କରାଯାଇଛି। ଜବତ ହାଇୱା ଟ୍ରକ ଗୁଡିକୁ ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରାଯାଇଥିବା ଖଣି ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ନଦୀ ଘାଟରୁ ଲଘୁ ଖଣିଜ ଦ୍ରବ୍ୟ ବାଲି ଲୁଟ ଜିଲ୍ଲାରେ ଜାରିରହିଥିବା ସମୟରେ ସମସ୍ତ ବାଲିଘାଟ ଖଣି ବିଭାଗକୁ ଯାଇଥିଲା। ଖଣିବିଭାଗ ଏ ଦିଗରେ ସତର୍କ ନଜର ରଖିଥିବା ସମୟରେ ଯଶୋବନ୍ତପୁର କମାରସାହି ନିକଟରେ ବିନା କାଗଜପତ୍ରରେ ବାଲି ଚାଲାଣ କରୁଥିବା ତିନିଟି ଟ୍ରକକୁ ଜବତ କରିଥିଲା। ଜବତ ହାଇୱାରୁ ଚାଲାଣ ହେଉଥିବା ବାଲି କଟକ ଜିଲ୍ଲା ନିଆଳି ବ୍ଲକର ବଛସାଇଲୋ (କେତିକିସ୍ୱର )ଘାଟରୁ ଆସୁଥିଲା। ଏହି ବାଲିଘାଟରୁ ଜଗତସିଂହପୁର ଜିଲ୍ଲାକୁ ନିୟମିତ ଭାବରେ ବେଆଇନ ବାଲି ଚାଲାଣ ହେଉଥିଲା। ଅଚାନକ ରାତିରେ ହୋଇଥିବା ଏହି ଚଢ଼ାଉ ପରେ ଖବରପାଇ ଅନେକ ହାଇୱା ନିଜର ଗତିପଥ ବଦଳାଇ ଦେଇଥିଲେ। ଜବତ ୩ ଟି ହାଇୱାକୁ ଜଗତସିଂହପୁର ସଦର ଥାନାରେ ମାଇନ୍ସ ବିଭାଗ ପକ୍ଷରୁ ଜିମାଦିଆଯାଇଛି।ଏ ବାବଦରେ ମାଇନିଂ ଅଫିସର ସତୀଶ କୁମାର ତରାଇ ଙ୍କୁ ବାଲି ଚୋରା ଚାଲାଣ ବିଷୟରେ ପଚାରିବାରୁ ସେ କହିଛନ୍ତି ଯେ, ଏହି ଘାଟ ଉପରେ ମୋର ତୀକ୍ଷଣ ନଜର ଅଛି। କଟକ ନିଆଳି ବଛସାଇଲୋ (କେତିକିସ୍ୱର )ଦେବୀ ନଦୀ ବାଲିଘାଟର ବର୍ତ୍ତମାନ କାଗଜପତ୍ର ଠିକ ନାହିଁ। ସେମାନେ କଟକ ଜିଲ୍ଲରୁ ନିଲାମ ନେଇଥିବା ସମୟରେ ଜଗତସିଂହପୁର ଆଳିପିଙ୍ଗଳ ଦେବି ନଦୀ ଘାଟରୁ ବାଲି ଉଠାଣ କରୁଛନ୍ତି ସେ ସମ୍ପର୍କରେ ତଦନ୍ତ କରାଯିବ।



## ମୋବାଇଲ ଦୋକାନରେ ନିଆଁଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ

ପାରାଦୀପ, ୫।୨ (ସମିସ) : ଗତକାଲି ବିଳମ୍ବିତ ରାତ୍ରିରେ ଏକ ମୋବାଇଲ ଦୋକାନରେ ଲାଗିଗଲା ନିଆଁ।ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି।ପ୍ରଥମେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦୋକାନୀ କୁ ଖବର ଦେଇଥିଲେ। ଖବର ପାଇ ଦୋକାନୀ ପାଖରେ ପହଞ୍ଚି ଦୋକାନ ଖୋଲିବାପରେ ଦୋକାନର ଅର୍ଦ୍ଧାଧିକ ସାମଗ୍ରୀ ଜଳୁଥିବା ଦେଖିବା ସହିତ ସ୍ଥାନୀୟ ଲୋକେ ମିଶି ନିଆଁକୁ ଆୟତ୍ତ କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଦୋକାନରେ ରହିଥିବା ବିଭିନ୍ନ ମୋବାଇଲ, ମୋବାଇଲ ସାମଗ୍ରୀ, ଲାପଟପ, ବିଭିନ୍ନ ରାସନ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଥିଲା। ଘଟଣା ଘଟିଛି ପାରାଦ୍ୱୀପ ନେହେରୁବଙ୍ଗଳା ଫିସିଙ୍ଗ ହାର୍ବର ମଧ୍ୟରେ ରହିଥିବା ଏକ ଭେରାଇଟି ଷ୍ଟୋରରେ ରାତି ୯ ଟା ପରେ ଦୋକାନ ବନ୍ଦ କରି ଘରେ ଖାଇବସିଥିବା ସମୟରେ ଦୋକାନ ରେ ନିଆଁ ଲାଗିଥିବା ଖବର ପାଇଥିଲେ ଶଙ୍କର ଲେଙ୍କା। କାଳବିଳମ୍ବ ନ କରି ଆସି ଦୋକାନ ଖୋଲିବା ବେଳକୁ ଦୋକାନ ର ଅର୍ଦ୍ଧାଧିକ ସାମଗ୍ରୀ ଜଳୁଥିବା ଦେଖି ପାଖ ଦୋକାନୀ ଓ ସ୍ଥାନୀୟ ଲୋକଙ୍କ ସହାୟତା ରେ କିଛିକାଂଶ ରେ ନିଆଁକୁ ଆୟତ୍ତ କରିଥିବା ସମୟରେ ଅଗ୍ନିଶମ ଗାଡି ଆସିବା ପରେ ସମ୍ପୂର୍ଣ୍ଣ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ତେବେ ଦୋକାନ ଭିତରେ ବିଭିନ୍ନ ଗ୍ରାହକ ରିପ୍ୟାରିଂକରିବାକୁ ଦେଇଥିବା ଅନେକ ମୋବାଇଲ ଜଳିପୋଡି ଯିବା ସହିତ ମୋବାଇଲ ସାମଗ୍ରୀ, ଲାପଟପ, ଥଣ୍ଡା, ଫ୍ରିଜ, ରାସନ ସାମଗ୍ରୀ ସମେତ ପାଖାପାଖି ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜଳିପୋଡି ପାଉଁଶ ହୋଇଯାଇଥିବା ନେଇ ଦୋକାନ ମାଲିକ ଶଙ୍କର ଲେଙ୍କା କହିଛନ୍ତି। ତେବେ ଆଜି ଦୋକାନ ମାଲିକ ଏ ସମ୍ପର୍କରେ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



## ଭଲିବଲ ଟୁର୍ଣ୍ଣାମେଣ୍ଟ, ସଂଗ୍ରାମପୁର ଚାମ୍ପିଅନ୍

ତିର୍ତ୍ତୋଲ, ୫।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଦଣ୍ଡାସାହି ଗ୍ରାମ ଠାରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଦଣ୍ଡାସାହି, ତେନ୍ତୁଳିପଦା ଓ ତିର୍ତ୍ତୋଲ ଆନକୁଲ୍ୟରେ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗ୍ରାମପୁର ଦଳ ଗରାମ ଦଳକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଟି ଭଲିବଲ ଦଳ ତିର୍ତ୍ତୋଲ, ରାହାମା, ଗନାଇଲୋ, ସଂଗ୍ରାମପୁର, ହାଜିପୁର, ଗରାମ, ଦଣ୍ଡାସାହି, ଭଉଁସର ଆଦି ଅଂଶ ଗ୍ରହଣ କରିଥିଲେ। ମ୍ୟାଚ ରେଫରୀ ଭାବେ ଦିପ୍ତିରଞ୍ଜନ ମହାନ୍ତି ଓ ହିମାଂଶୁ ଶେଖର ରାଉତ ଖେଳ ପରିଚାଳନା କରିଥିଲେ। ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ପତାକା ହଲାଇ ଏହି ଖେଳର ଶୁଭାରମ୍ଭ କରିଥିଲେ।ଉଦ୍‌ଯାପନୀ ଉତ୍ସବରେ ଅତିଥି ନିରଞ୍ଜନ ରାଉତ, ବିକାଶ ଚନ୍ଦ୍ର ପରିଜା, ନାଏବ ସରପଞ୍ଚ ମହେନ୍ଦ୍ର ରାଉତ, ବୀରେନ ପାଲ, ନୃସିଂହ ରାଉତ, ନବଘନ ଲେଙ୍କା, ଆଶିଷ ରାଉତ, ଯୋଗେନ୍ଦ୍ର ମହାପାତ୍ର, ଦିଲିପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜେତା ସଂଗ୍ରାମପୁର ଓ ରନର୍ସ ଅପ ଗରାମ ଦଳକୁ ପୁରସ୍କାର ଅର୍ଥରାଶି ସହ ସିଲଡ ପ୍ରଦାନ କରିଥିଲେ।

## ମା' ଉଗ୍ରତାରା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲିକୁଦା, ୫।୨ (ସମିସ) : ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଗୋପୀନାଥପୁର ମା' ଉଗ୍ରତାରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନୂଆଗାଁ ବଜାର ସ୍ଥିତ ବାଲୁକା ସ୍ତୁପ ଠାରେ ଉଦ୍‌ଘାଟିତ ହୋଇଯାଇଛି।ଏହି ଉଦଘାଟନୀ ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ସଞ୍ଜିବ ଏସ ବିଶ୍ୱାଳ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ମ୍ୟାଚ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମା ଉଗ୍ରତାରା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୬୧ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ଚନପୋଖରୀ କ୍ରିକେଟ ଟିମ ୩୪ ରନ କରି ତାର ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା।ଫଳରେ ଗୋପୀନାଥପୁର ଟିମ ସେମିରେ ପ୍ରବେଶ କରିଥିଲା।ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ସରୋଜ ପରିଡ଼ା ଓ ଆଶିଷ ପରିଡ଼ା ପରିଚାଳନା କରିଥିବା ବେଳେ ସ୍କୋରିଂରେ ରାହୁଲ ପରିଡ଼ା ଓ ମହେଶ୍ୱର ହାତୀ ସହଯୋଗ ପ୍ରଦାନ କରିଥିଲେ।ମ୍ୟାଚର ସମସ୍ତ ଧାରାବିବରଣୀ ଖୁଜୁ ମୁଦୁଲି ଓ ମନୋଜ ମହାନ୍ତି ପ୍ରଦାନ କରିଥିବା ବେଳେ ଖେଳ ପରିଚାଳନା କରିବାରେ କ୍ଲବର ସଦସ୍ୟ ଚିତ୍ତ ପରିଡ଼ା, ବାବୁ ସ୍ୱାଇଁ, ବାବୁଲା ସ୍ୱାଇଁ, ମିହିର ପରିଡ଼ା, ରଞ୍ଜନ ବିଶ୍ୱାଳ, ଟୁକୁନା ମହାନ୍ତି, ଜ୍ୟୋତି ରଞ୍ଜନ ପରିଡ଼ା, ରାକେଶ ଦାସ, ସୁଦାମ ହାତୀ ଙ୍କ ସମେତ ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।

## ସ୍ୱାମୀ ଅରୂପାନନ୍ଦ କଲେଜରେ ଓଡ଼ିଆ ଭାଷା ସାହିତ୍ୟ ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର ୫।୨(ସମିସ): ରଘୁନାଥପୁର କୁର୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ଓ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତିଯୋଗିତା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିଚାଳନା ପରିଷଦର ସଭାପତି ଡ଼ ଶରତଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼ ବିଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଓ ତିର୍ତ୍ତୋଲ ଆଦିକବି ଶାରଳା ଦାସ କଲେଜର ଅଧ୍ୟାପକ ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା ଏବଂ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଭଗବାନ ଦାସ ଓ ସମାଜସେବୀ ବଳଭଦ୍ର ମହାପାତ୍ର ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କଲେଜ ଅଧ୍ୟକ୍ଷ ଦୟାନିଧି ରାଉତରାୟ ଅତିଥି ପରିଚୟ ଏବଂ ଅଧ୍ୟାପିକା ଡ଼ ଦୀପ୍ତିମୟୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ କର୍ମଚାରୀଙ୍କ ସହ ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଉପସ୍ଥିତ ହୋଇ ଉତ୍ସବଟିକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ।

## ● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୪୨ଟିରୁ ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା

ବାଲିକୁଦା/ଜଗତସିଂହପୁର, ୫।୨(ସମିସ):ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୨ଟି ଅଭିଯୋଗ ଫଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିୟ ୩୩ଗୋଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ଟି, ଆବାସ ଯୋଜନା ସମ୍ପର୍କୀୟ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୫ଟି, ରେଡକ୍ରସ ପାଣିରୁ ସହାୟତା ପାଇବା ପାଇ ଗୋଟିଏ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣିରୁ ସହାୟତା ପାଇବା ପାଇଁ ୪ଟି, ଭତ୍ତା ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। କେବଳ ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି.ଆର୍, ମୁଖ୍ୟ ବିକାଶ-ତଥା- ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ଅନିତା ପାତ୍ର, ଉପ-ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଶ୍ମି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିକୁଦା ବିକାଶ କୁମାର ମହାନ୍ତି, ତହସିଲଦାର, ବାଲିକୁଦା ଅଂଶୁମାନ ଶତପଥୀ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ

ବାଲିକୁଦା, ୫।୨(ସମିସ): ବାଲିକୁଦା ବ୍ଲକ ଈଶ୍ୱରପୁର ଗ୍ରାମର ଯୁବ ବ୍ୟବସାୟୀ ଗଣେଶ୍ୱର ଜେନା(୪୭)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଈଶ୍ୱରପୁର ବଜାରର ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ଅନୁଷ୍ଠାନ ବନ୍ଦ କରି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଗଣେଶଙ୍କ ମର ଶରୀରକୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଗ୍ରାମ ଶ୍ମଶାନକୁ ନେଇଥିଲେ। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନଭାଇ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ବଡଙ୍ଗା ସରପଞ୍ଚଙ୍କ ପ୍ରତିନିଧି ଶୈଳେନ୍ଦ୍ର ବେହେରା, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ସମାଜସେବୀ ମାନସ ରଞ୍ଜନ ମଲ୍ଲିକ, ନବକିଶୋର ଜେନା, ଚିତ୍ତରଞ୍ଜନ ଜେନା, ସ୍ୱଦେଶ ମହାନ୍ତି, ଭାଗୀରଥି ସାହୁ, ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ବାଲିକୁଦା-ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ପାନୀୟ ଜଳ ଯୋଗାଇଦେବା ଦାବିରେ ଧାରଣା

ବାଲିକୁଦା, ୫।୨(ସମିସ): ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତର ଶତାଧିକ ମହିଳା ଏକତ୍ରିତ ହୋଇ ପାନୀୟ ଜଳ ଯୋଗାଇଦେବା ଦାବିରେ ତିହୁଡି ନହରଣା ମୁଖ୍ୟ ରାସ୍ତାର ନୂଆଗାଁ ଛକ ସମେତ ଅନନ୍ତପୁର କୁସୁପୁରକୁ ସଂଯୋଗ କରୁଥିବା ଆରଡି ରାସ୍ତା ଓ ରାହାଣ ଓ ଓଷକଣା ପଞ୍ଚାୟତ ସଂଯୋଗ ରାସ୍ତା ନିକଟରେ ଧାରଣା ଦେଇଥିଲେ। ଫଳରେ ସକାଳ ୭ଟା ଠାରୁ ଦିବା ୧୧ ଘଟିକା ପର୍ଯ୍ୟନ୍ତ ରାସ୍ତା ରୋକ ହୋଇଥିଲା।ଏହି ରାସ୍ତା ରୋକ ସମୟରେ ଅନେକ ଯାତ୍ରୀବାହୀ ବସ ସମେତ ଅନେକ ଗାଡି ଠିଆ ହୋଇ ରହିବା ଫଳରେ ରାସ୍ତା ଜାମ ହୋଇଯାଇଥିଲା।ସୂଚନା ଅନୁଯାୟୀ ଗତ ୧୫ ଦିନ ହେବ ଶୋଭା ପାନୀୟ ଜଳ ପ୍ରକଳ୍ପରୁ ଓଷକଣା, ଅନନ୍ତପୁର, କୁସୁପୁର ପଞ୍ଚାୟତର ଜନସାଧାରଣମାନଙ୍କୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି।ସ୍ଥାନୀୟ ଜନସାଧାରଣ ପାନୀୟ ଜଳ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ସମେତ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିଥିବା ବେଳେ ସେମାନଙ୍କୁ ଆଉ କିଛି ଦିନ ପରେ ପାଣି ଯୋଗାଣ କରାଯିବ ବୋଲି କହି ଭଣ୍ଡାଇ ଚାଲିଥିଲେ।ପରେ ଯନ୍ତ୍ରୀ ଏହି ୩ ପଞ୍ଚାୟତର ସରପଞ୍ଚ ବିଦ୍ୟୁତ ବିଲ ପୈଠ କରି ନଥିବା କାରଣରୁ ପାଣି ଯୋଗାଣ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିବ ବୋଲି କହିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।ଏନେଇ ସ୍ଥାନୀୟ ଲୋକେ ଅନନ୍ତପୁର ପଞ୍ଚାୟତ ସରପଞ୍ଚ କବିତା ପଲେଇଙ୍କ ସହ ଆଲୋଚନା କରିବା ପରେ ପୂର୍ବତନ ସରପଞ୍ଚଙ୍କ କାର୍ଯ୍ୟକାଳ ସମୟରେ ବିଲ ପୈଠ ହୋଇ ନଥିବା କାରଣରୁ ଏପରି ସମସ୍ୟା ହେଉଛି। ତେଣୁ ବିଭାଗ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ କହି ନିଜ ମୁଣ୍ଡ ଉପରୁ ଦୋଷ ଖସାଇ ଦେଇଥିଲେ।ସେହିପରି କୁସୁପୁର ପଞ୍ଚାୟତ ସରପଞ୍ଚ ନିଜ ପଞ୍ଚାୟତକୁ ଉକ୍ତ ପ୍ରକଳ୍ପରୁ ପାଣି ବୁନ୍ଦାଏ ଆସୁ ନଥିବା ବେଳେ ଗୋଟିଏ ବି ଲୋକେ ଏଥିରୁ ଉପକୃତ ହେଉ ନଥିବା କାରଣରୁ ଟଙ୍କା ପୈଠ କରୁନଥିବା ଦର୍ଶାଇଛନ୍ତି।ଓଷକଣା ପଞ୍ଚାୟତର ଅଧାରୁ ଅଧିକ ଗ୍ରାମକୁ ଉକ୍ତ ପାଣି ପହଞ୍ଚି ପାରୁ ନଥିବା କାରଣରୁ ଅନେକ ସମୟରେ ଲୋକେ ଏହାକୁ ବିରୋଧ କରୁଥିବା ଅଭିଯୋଗ ହୋଇଛି।ଏଣୁ ସରପଞ୍ଚ ଅର୍ଥ ପୈଠ କରି ନଥିବା ଜଣାପଡ଼ିଛି।ଏପଟେ ଲକ୍ଷାଧିକ ଟଙ୍କା ବିଲ ବାକି ରହିବା କାରଣରୁ ବିଦ୍ୟୁତ ବିଭାଗ ସଂଯୋଗ କାଟି ଦେଇଥିବା ବିଭାଗୀୟ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା ନିଜ ପତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ୩ ପଞ୍ଚାୟତର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱର୍ଲୋକେ ଏଠାକାର ଭୂତଳ ଜଳ ଲୁଣିଆ ଓ ଆଇରନ ହୋଇଥିବା କାରଣରୁ ଏହି ପାଣି ଉପରେ ନିର୍ଭର କରନ୍ତି।ପୂର୍ବରୁ ସମସ୍ତ ଗ୍ରାମରେ ପାଣି ପହଞ୍ଚୁଥିବା ବେଳେ ବର୍ତ୍ତମାନ ଏହା ଅନେକ ଗ୍ରାମରେ ପହଞ୍ଚି ପାରୁ ନାହିଁ। ପାନୀୟ ଜଳ ପାଇଁ ସଂଘର୍ଷ କରୁଥିବା ମହିଳା ଶେଷରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛି ବୋଲି ଉପସ୍ଥିତ ମହିଳା ପ୍ରକାଶ କରିଥିଲେ।ଖବର ପାଇ ଅନନ୍ତପୁର ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମହିଳା ମାନଙ୍କ ସହ ଆଲୋଚନା କରିବା ସହ ଆସନ୍ତା କିଛି ଦିନ ମଧ୍ୟରେ ପାଣି ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟାଇ ନେଇଥିଲେ ମହିଳା।



# ଧାର୍ଯ୍ୟ ସମୟ ଦେଢ଼ ବର୍ଷ ପରେ ବି ସରୁନି ନିର୍ମାଣ



## ଅନ୍ୟ ସ୍କୁଲ ବାରଣ୍ଡାରେ ପଢ଼ିବେ ଆଦର୍ଶ ବିଦ୍ୟାଳୟ ବିଦ୍ୟାର୍ଥୀ

**ମାର୍ଶାଘାଇ, ୫ା୨(ସମିସ):**

ମାର୍ଶାଘାଇ ବ୍ଲକ ହାତୀଆ ଦଣ୍ଡାରେ ନିର୍ମାଣାଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୃହ କାର୍ଯ୍ୟ ଧାର୍ଯ୍ୟ ସମୟର ଦେଢ଼ ବର୍ଷ ଅତିକ୍ରାନ୍ତ ପରେ ବି ଶେଷ ହୋଇପାରିନାହିଁ। ଫଳରେ ଏହି ବିଦ୍ୟାଳୟରେ ପଢୁଥିବା ବିଦ୍ୟାର୍ଥୀମାନେ ଅସ୍ଥାୟୀ ଭାବେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାୟ ଦୁଇ ଶହ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହିତ ସେହି ବିଦ୍ୟାଳୟର ଲାଇବ୍ରେରୀ ଗୃହ ବି ଆଦର୍ଶ ବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ଶ୍ରେଣୀ ଗୃହ ଭାବେ ଏବେ ବ୍ୟବହାର ହେଉଛି। ନୂଆ ଶିକ୍ଷା ବର୍ଷରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ଯଦି ସମ୍ପୂର୍ଣ୍ଣ ହୋଇ ନ ଥାଏ ତେବେ ନୂଆ ବିଦ୍ୟାର୍ଥୀମାନେ ବାରଣ୍ଡାରେ ବସି ପାଠ ପଢ଼ିବାକୁ ବାଧ ହେବେ। କାରଣ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶ୍ରେଣୀ ଗୃହରେ ଏବେ ପାଠ ପଢ଼ା ଚାଲିଛି। ଆଉ ଅତିରିକ୍ତ ଗୃହ ନାହିଁ। ୧୪ଟି ଶ୍ରେଣୀ ଗୃହ ସମେତ ୫ଟି ଲାବୋରେଟରୀ ଗୃହ ଏବଂ ଗୋଟିଏ ଲାଇବ୍ରେରୀ ଗୃହ, ୩ ବାଳକ ଶୌଚାଳୟ ଏବଂ ୫ଟି ବାଳିକା ଶୌଚାଳୟ ବ୍ୟବସ୍ଥା ଏହି ନିର୍ମାଣାଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ଭିତରେ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଏହି ନିର୍ମାଣ ଚାଲିଥିବା ବେଳେ ୨୦୨୨ ମସିହା ଅଗଷ୍ଟ ମାସରେ ଏହା ସମ୍ପୂର୍ଣ୍ଣ ହେବାର ସମୟ ଧାର୍ଯ୍ୟ ହୋଇଥିଲା। ପୂର୍ତ୍ତ ବିଭାଗ ଜରିଆରେ ପାଚେରି ଏବଂ ହଷ୍ଟେଲ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ନିର୍ମାଣ ସମ୍ପୂର୍ଣ୍ଣ ହେବା ବିଳମ୍ବିତ ହେଉଛି। ମାର୍ଚ୍ଚ ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସାରଦା ରାୟ ପ୍ରତିକ୍ରିୟାରେ କହୁଥିବା ବେଳେ ନିର୍ମାଣ କାର୍ଯ୍ୟ କରୁଥିବା ମିସ୍ତ୍ରୀ, ଶ୍ରମିକ ସଂଖ୍ୟାକୁ ଦେଖିଲେ ତାହା ବାସ୍ତବତା ଠାରୁ ବହୁଦୂରରେ ବୋଲି ଅଭିଭାବକମାନେ କହିଛନ୍ତି।

### କଟ୍‌ନୀ ଛଟ୍‌ନୀ ପାଇଁ ମଣ୍ଡିରେ ଧାନ ଦେବାକୁ ଚାଷୀ ଅରାଜି

# ବାହାର ରାଜ୍ୟକୁ ଚାଲାଣ ହେଉଛି ଧାନ

**ରାଜକନିକା, ୫ା୨(ସମିସ):** ସାରା ରାଜକନିକା ବ୍ଲକର ଚାଷୀ ମାନଙ୍କଠାରୁ ସରକାରୀ ଧାନ ମଣ୍ଡିରେ ଧାନ ସଂଗ୍ରହ କରିବାକୁ ଜାନୁଆରୀ ୫ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିବାବେଳେ ସଠିକ ସମୟ ଓ ନିର୍ଦ୍ଧାରିତ ନିୟମରେ ଚାଷୀ ଧାନ ଦେଇ ନ ପାରିବା ଏବଂ ଏବେ ଖୋଲା ବଜାରରେ ଧାନ ଦର ଭଲ ଥିବାରୁ ଚାଷୀ ମଣ୍ଡିରେ ଧାନ ଦେବାକୁ ପଛଘୁଞ୍ଚା ଦେଉଛି। ଅନୁସନ୍ଧାନ ମୁତାବକ ବର୍ତ୍ତମାନ ଆନ୍ଧ୍ର, ପଶ୍ଚିମବଙ୍ଗ, ଛତିଶଗଡ଼ ରାଜ୍ୟରେ ଧାନ ଦର ସହ ଅଧିକ ବୋନସ ପାଉଥିବାରୁ ପଶ୍ଚିମବଙ୍ଗରେ ଧାନ କୁଣ୍ଟାଲ ୨୬୦୦, ଛତିଶଗଡ଼ରେ ୩୨୫୦ ଓ ଆନ୍ଧ୍ରରେ ୨୯୭୦ ଟଙ୍କା ଥିବା ସହ ଚାଷୀଙ୍କୁ ସେଠାକାର ରାଜ୍ୟ ସରକାର ଏମଏସପି ସହ ବୋନସ ପ୍ରଦାନ କରୁଥିବାରୁ ଓଡ଼ିଶାରୁ ଧାନ ସଂଗ୍ରହ କରି ସେଠାକାର ଚାଷୀ ଏହି ଓଡ଼ିଶା ଧାନକୁ ଦଲାଲ ମାଧ୍ୟମରେ ସଂଗ୍ରହ କରି ସେମାନଙ୍କ ମଣ୍ଡିରେ ଦେଇ ଚାଲିଛନ୍ତି। ତେବେ ଓଡ଼ିଶାର ଧାନ ବାହାର ରାଜ୍ୟକୁ ଯିବା ଉପରେ ସୀମା ସିଲ କରିବାର ଯୋଜନା ରହିଥିବାବେଳେ ବାହାର ରାଜ୍ୟରେ ଆମ ଉତ୍ପାଦିତ ଧାନକୁ ୨୦୦୦ ଓ ୨୦୫୦ ଟଙ୍କା ଦରରେ ଦଲାଲ କିଣି ବେପିଂକର ଭାବରେ ଚାଲାଣ କରି ଚାଲିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଚାଷୀ ଅନଲାଇନରେ ପଞ୍ଜିକରଣ କରି ଟୋକନ ପାଇ ଟାର୍ଗେଟ ନଥିବା ବେଳେ ପ୍ରତି କ୍ୟୁଣ୍ଟାଲ ଧାନରେ ୪ରୁ ୫ କେଜି ମିଲର କଟନୀ କରିବା, କ୍ୟୁଣ୍ଟାଲ ଧାନ ପାଇଁ ଦୁଇଟି ଅଖାକୁ ୨୦ ରୁ ୨୪ ଟଙ୍କାରେ କିଣିବା, ମଣ୍ଡି ପାଖକୁ ଧାନ ଆଣିବାକୁ କ୍ୟୁଣ୍ଟାଲ ପିଛା ୨୦ଟଙ୍କା ହିସାବରେ ଖର୍ଚ୍ଚ ଲାଗିବା ପୁନଶ୍ଚ ମିଲରମାନେ ନିଜ ଇଚ୍ଛାରେ କେଉଁ ଦିନ ଧାନ କିଣିବେ ତାର କୌଣସି ସଠିକ ଧାରା ନ ଥିବାରୁ ମଣ୍ଡିକୁ ଧାନ ଆଣି ଚାଷୀ ବିକିବାର ଭରସା ନ ପାଇବା ଯୋଗୁ ଧାନ ମଣ୍ଡିରେ ଧାନ ଦେଇ ଚାଷୀ କୌଣସି ଫାଇଦା ପାଉନାହିଁ। ମିଲର ଅଖା ବାବଦ ପଇସା ନ ଦେବା, ସବୁ ପ୍ରକାର ଧାନ କିଣିବା ବେଳେ ବାଧ୍ୟତାମୂଳକ କଟନୀ କରିବା ଏବଂ ଟୋକନ ଥାଇ ଟାର୍ଗେଟକୁ ଅନେଇ ଧାନକୁ ଜଗିଥିବା ଚାଷୀ ଏତେ ଅଡୁଆ ଓ ପ୍ରଶାସନ ଆଦବ କାଇଦାକୁ ନ ଅନେଇ ଖୋଲା ବଜାରରେ ୨ ହଜାରରୁ ୨୫୦୦ ଟଙ୍କାରେ ବାହାର ରାଜ୍ୟର ଦଲାଲଙ୍କୁ ଧାନ ମାପି ସିଧା ସଳଖ ଅର୍ଥ ପାଇବାରୁ ମଣ୍ଡିରେ ଧାନ କିଣା ପ୍ରାୟ ହେଉ ନ ଥିବା ଦେଖିବାକୁ ମିଳିଛି।ପ୍ରଥମତଃ କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଷୀ ମାନେ ନଭେମ୍ବର ମାସରେ ଚାଷୀ ଧାନ ଅମଳ କରିଥିଲେ ହେଁ ଜାନୁଆରୀ ୫ ତାରିଖରେ ମଣ୍ଡି ଖୋଲିବା, ଟାର୍ଗେଟ ନ ଥିବାରୁ ଜାନୁଆରୀ ୧୦ ତାରିଖରେ ଟାର୍ଗେଟ ପରିମାଣରୁ ୩୩ ଶତକଡା ଟାର୍ଗେଟ ମିଳିବା, ମିଲରମାନେ ସରକାରଙ୍କୁ ଦୟା ଦେଖାଇବା ଭଳି ଧାର୍ଯ୍ୟ ତାରିଖରେ ଧାନ ସଂଗ୍ରହ ନ କରିବା



ଭଳି ସ୍ଥିତି ଚାଷୀଙ୍କୁ ପ୍ରଥମେ ଖୋଲା ବଜାରରେ ୧୭ ଶହରୁ ୧୯୦୦ ଟଙ୍କା ଦରରେ ଧାନ ବିକିବାକୁ ବାଧ କରିଥିଲା। ଖୋଲା ବଜାରରେ ଧାନ ଦର ଦିନକୁ ଦିନ ବଢ଼ି ବଢ଼ି ଏବେ ୨ ହଜାରରୁ ଉର୍ଦ୍ଧ୍ୱ ହୋଇଯିବାରୁ ଚାଷୀ ସରକାରୀ ଧାନ ମଣ୍ଡିରେ ଧାନ ଦେବାପାଇଁ କଟନୀ, ଅଖା ଓ ପରିବହନ ଖର୍ଚ୍ଚକୁ ତୁଳନା କରି ଖୋଲା ବଜାରରେ ଧାନ ଦେବାକୁ ଅଧିକ ଉତ୍ସାହିତ ହୋଇଛନ୍ତି ବୋଲି ଜୟନଗର, କୋଇଲିପୁର, ତ୍ରୈଲୋକ୍ୟପୁର, କୋରନ୍ଦ, ସିକୋ ଆଦି ପଞ୍ଚାୟତରେ ଦୈନିକ ୧୦ରୁ ୧୨ ଟି ୧୬ ଚକିଆ ଟ୍ରକ ବାହାର ରାଜ୍ୟକୁ ଧାନ ଚାଲାଣ କରୁଥିବା ଦେଖିବାକୁ ମିଳିଛି।ଏଠାରେ ପ୍ରଶ୍ନ ଉଠୁଛି ଯଦି ପ୍ରଶାସନ ଅମଳ ର ବହୁ ଆଗରୁ ଧାନ କିଣିବାକୁ ପ୍ରସ୍ତୁତି ଚଲାଇ ଚାଷୀଙ୍କ ଠାରୁ ବଳକା ଧାନ ସଂଗ୍ରହ କରିବାକୁ ଅନଲାଇନରେ ଡାଟା ପାଉଛନ୍ତି, ତେବେ ନଭେମ୍ବର ମାସରେ ମଣ୍ଡି ନ ଖୋଲି କଣ ପାଇଁ ଜାନୁଆରୀରେ ମଣ୍ଡି ଖୋଲିଛନ୍ତି ବୋଲି କୃଷକ ନେତା ଦାମୋଦର ଧଳ ପ୍ରଶ୍ନ କରିଛନ୍ତି।ପୁନଶ୍ଚ କଟନୀ ଛଟନୀ ନ ହେବାକୁ ସରକାର ସ୍ୱଷ୍ଟ ବାରଣ କରିବା ସତ୍ତ୍ୱେ କେଉଁ ସାହସରେ ଆଉ କଣ ପାଇଁ ମିଲର ମାନେ ସମସ୍ତ ପ୍ରକାର ଧାନରେ ୪ରୁ ୫ କେଜି କଟନୀ କରୁଛି ତାହା ଚାଷୀଙ୍କୁ ବ୍ୟଥିତ କରୁଛି। ଆହୁରି ଅଖା ବାବଦ ଅର୍ଥ ଚାଷୀ ପାଇବାକୁ ଥିବା ବେଳେ କୌଣସି ମଣ୍ଡିରେ ଏହି ଅର୍ଥ ଚାଷୀ ନ ପାଇବା ମୂଳରେ କି ରହସ୍ୟ କିଏ କେମିତି ଷଡ଼ଯନ୍ତ୍ର କରିଛି ବୋଲି ଚାଷୀ ଶରତ ଦାଶ ପ୍ରଶ୍ନ କରିଛନ୍ତି। ଚାଷୀଙ୍କୁ ବାହାର ପଡୋଶୀ ରାଜ୍ୟରେ ଏମଏସପି ସହ ବୋନସ ମିଳୁଥିବା ବେଳେ କଣ ପାଇଁ ଏମିତି ମଣ୍ଡିରେ ଶୋଷଣ କରୁଛନ୍ତି ତାହା ଚାଷୀଙ୍କୁ ବିଦ୍ରୋହୀ କରିଛି। ଚାଷୀ ସ୍ୱାର୍ଥରେ ଧାନ ସଂଗ୍ରହ ନ କରି ମିଲର ଓ ଅଧିକାରୀଙ୍କ ସ୍ୱାର୍ଥରେ ନାମକୁ ମାତ୍ର ଧାନ କିଣା ଚାଲୁଥିବା ଏଭଳି ନୀତିକୁ ଚାଷୀ ବୈକୁଣ୍ଠ ନାୟକ, ସଦାଶିବ ଭୂୟାଁ, ସରୋଜ ବଳ, ଦିଗମ୍ବର ବିଶ୍ୱାଳ ପ୍ରମୁଖ ଚାଷୀ ସ୍ୱାର୍ଥ ମନସ୍କ ହେବାକୁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ



**ଚଉଦକୁଲାଟ, ୫ା୨(ସମିସ):** ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଚଉଦକୁଲାଟସ୍ଥିତ ସ୍ୱାମୀ ବିବେକାନନ୍ଦ ମାନବ ସମ୍ବଳ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଅନାଦି ଚରଣ ପଳିତା ଅଧକ୍ଷତା କରି ଦେଶବିକାଶରେ ଛାତ୍ରୀଛାତ୍ରମାନଙ୍କ କର୍ତ୍ତବ୍ୟ ବିଷୟରେ କହିଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ସମାଜ ବିଜ୍ଞାନ ଅଧ୍ୟାପିକା ପୁଷ୍ପାଞ୍ଜଳି ବେହେରା, ଅଧ୍ୟାପକ ଚନ୍ଦ୍ରଭାନୁ ନାଥ, ଅଧ୍ୟାପିକା ସ୍ମିତା ବିଶ୍ୱାଳ, ଅଧ୍ୟାପକ ହେମନ୍ତ ଭାରତୀ, ସୌମ୍ୟ ବିକାଶ ବେହେରା ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ଓଡ଼ିଆ ଭଜନ ପରିବେଷଣ କରିଥିଲେ। ମହମ୍ମଦ ସମିଉଲ୍ଲା, ନିରଞ୍ଜନ ପଣ୍ଡା, ପଞ୍ଚାନନ ବେହେରା, ହୃଷିକେଶ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ବାଲିକୁଦା, ୫ା୨(ସମିସ): ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୋରିକିନା ଶାଖାର ଏକ ବୈଠକ ସଭାପତି ପଣ୍ଡିତ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ନାଳିଓ ସ୍ଥିତ ପଞ୍ଚବଟି ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ସଂଘର ପୂର୍ବତନ ସଭାପତି ବଂଶୀଧର ଶତପଥୀ ମଙ୍ଗଳା ଚରଣ ପାଠ କରିଥିବା ବେଳେ ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଦିବଂଗତ ଦୋଳଗୋବିନ୍ଦ ଲେଙ୍କା ଓ ମୁରଲୀଧରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା।ସଭାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଏହାର ସମାଧାନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବା ସହ ରାଜ୍ୟ ସଂଘର ଦାବି ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ସଦସ୍ୟ ସଂଗଠନ ସହ ଯୋଡିବା ନେଇ ପ୍ରସ୍ତାବ ପାରିତ ହୋଇଥିଲା। ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବା କୈଳାଶ ଚନ୍ଦ୍ର ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ରାଜ୍ୟ ସଂଘର ରାଲିରେ ଯୋଗ ଦେବାକୁ ଡ ବିଷ୍ଣୁ ଚରଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଚତୁର୍ଭୂଜ ପରିଡ଼ା, ଶିବ ପ୍ରସାଦ ଦାସ, ଶରତ ଚନ୍ଦ୍ର ବାରିକ, ନିରଞ୍ଜନ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସଂଗଠନ ସମ୍ପାଦକ ବ୍ରହ୍ମା ନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାପକ ଚାରାରୋପଣ ପାଇଁ ଶପଥ

**ରଘୁନାଥପୁର, ୫ା୨(ସମିସ):** ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ ଅଧୀନ ଗନାଇଲୋ ଉଚ୍ଚବିଦ୍ୟାଳୟ୧୯୯୨ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀ ମାନଙ୍କର ବନ୍ଧୁମିଳନ ଆଜି ଧଳତଙ୍ଗଗଡ଼ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜବିହାରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ପ୍ରଶାନ୍ତ କୁମାର ରାଉତ ଓ ପ୍ରଶାନ୍ତ କୁମାର ସାମଲ ଓ ପ୍ରିୟଙ୍କା ମହାପାତ୍ରଙ୍କ ପ୍ରସ୍ତାବ ଅନୁଯାୟୀ ସମସ୍ତ ସହପାଠୀ ବ୍ୟାପକ ଚାରାରୋପଣ କରିବାକୁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଯୋଗଣିଆ, ଅଭୟ ଭୂୟାଁ, ଲଳିତ ଦାସ, ନବ ଉତ୍କଳ ବେହେରା, ଜ୍ଞାନରଞ୍ଜନ ସାମଲ, ବାମଦେବ ମହାନ୍ତି, କିଶୋର ସ୍ୱାଇଁ, ନିରଞ୍ଜନ ପଣ୍ଡା, ନିରୁପମା ସାମନ୍ତରାୟ, ଜୟଶ୍ରୀ ପାତ୍ର, ପ୍ରଣୀତା ମହାନ୍ତି, ମମତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟ ବଜରଙ୍ଗବଳୀ କ୍ରିକେଟ୍: କଟକ ଚାମ୍ପିଅନ୍

**ପଞ୍ଚୁପାଣ୍ଡବ, ୫ା୨(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ରାଜନଗର ଗ୍ରାମର ସୁନ୍ଦରୀ ପଡ଼ିଆରେ ୭ ଦିନିଆ ଜୟ ବଜରଙ୍ଗବଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଞ୍ଜୟ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଦେବାଶିଷ ଆଚାର୍ଯ୍ୟ, ସୁଦୀପ୍ତ କୁମାର ସାମଲ, ସମିତି ସଭ୍ୟା ମୋନାଲିସା ମଲ୍ଲିକ, ଜୋଗାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ପ୍ରଥମେ ଯୁବେନାଇଲ ଟିମ୍ କଟକ ୨୦ ଓଭର ଖେଳି ୧୫୬ ରନ୍ କରିଥିଲା। ଜବାବରେ ଦି ସ୍କାନ ଭୁବନେଶ୍ୱର ଟିମ୍ ୫ ୱିକେଟ ହରାଇ ୧୦୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ସାଇଦୀପ ମହାପାତ୍ର, ମ୍ୟାନ ଅଫ୍ ଦି ସିରିଜ ଭାବେ ସୌମ୍ୟ ଶ୍ରୀଚନ୍ଦନ ଓ ବେଷ୍ଟ ବୋଲର ଭାବେ ସୁକାନ୍ତ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଈଶ୍ୱର ଚନ୍ଦ୍ର ପୃଷ୍ଟି ପରିଚୟ ପ୍ରଦାନ କରିଥିଲେ। ଲିଟୁ ସାମନ୍ତରାୟ ଓ ମୁରଲିଧର ସେଠୀ ଓମ୍ପାୟାର ଭାବେ ପରିଚାଳନା କରିଥିଲେ। ଜୟ ବଜରଙ୍ଗବଳି ଟିମ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଖାଉଟିଙ୍କୁ ରାସନ ଚାଉଳ ଯୋଗାଣରେ ମନମାନି

**ରାଜକନିକା, ୫ା୨(ସମିସ):** ସମଗ୍ର ରାଜକନିକା ବ୍ଲକର ୨୯ ପଞ୍ଚାୟତର ଖାଉଟୀଙ୍କୁ ପ୍ରତି ମାସର ରାସନ ବାବଦକୁ ମିଳିବାକୁ ଥିବା ପ୍ରାୟ ୭ ହଜାର କୁଇଣ୍ଟାଲ ଚାଉଳ ଯୋଗାଇବାରେ ଟ୍ରାନ୍ସପୋର୍ଟର ମନମାନୀ ଯୋଗୁ ପ୍ରାୟ ୨୦ରୁ ୩୦ ପ୍ରତିଶତ ଖାଉଟି ରାସନ ନପାଇ ପରବର୍ତ୍ତୀ କୋଟାକୁ ଅପେକ୍ଷା କରିବାର ଧାରା ବଳବତ୍ତର ରହିଛି। ଏଯାବତ ବ୍ଲକର ସମସ୍ତ ଖାଉଟି ରାସନ ନପାଇବା ଯୋଗାଣ ବିଭାଗର ମନମାନୀକୁ ପଦାରେ ପକାଇଛି। ଅନୁସନ୍ଧାନ ଅନୁଯାୟୀ ପ୍ରତି ମାସରେ ମିଳିବାକୁ ଥିବା ଚାଉଳ ନଦେଇ ଏକା ବେଳକେ ୩ କିମ୍ବା ୪ ମାସର ଚାଉଳ ଦିଆ ଯାଇଥିବାରୁ ଯେଉଁଠାଉଟି ଚାଉଳ ପାଇଲେ ନାହିଁ ସେମାନେ ପୁଣି ଆଗ ୩ମାସ ଯାଏ ଅପେକ୍ଷା କରିବାକୁ ପଡୁଛି। ପୁନଶ୍ଚ ଟ୍ରାନ୍ସପୋର୍ଟର ପ୍ରତି ରିଟେଲର ପଏଣ୍ଟରେ ଚାଉଳ ପହଞ୍ଚାଇବା ବେଳେ ରିଟେଲରଙ୍କୁ ଓଜନ ନା ଜରି ଆନୁମାନିକ ଭାବେ ଚାଉଳ ବସ୍ତା ଗଣି ଦେଉଥିବାରୁ ଉଚିତ ଓ ସଠିକ ଓଜନର ଚାଉଳ ରିଟେଲର ନିକଟରେ ପହଁଞ୍ଚୁନଥିଲେ ବି ରେକର୍ଡ ପତ୍ରରେ ନିର୍ଦ୍ଦିଷ୍ଟ ଓଜନର ଚାଉଳ ଗ୍ରହଣ ହେଉଥିବାର ପ୍ରମାଣ ହେଉଥିବାରୁ ଏଥିନେଇ ପ୍ରତି କୋଟାରେ ବହୁ ରିଟେଲର ଅସୁବିଧାରେ ପଡ଼ି ଗ୍ରାହକଙ୍କ ଆକ୍ରୋଶର ସମ୍ମୁଖୀନ ହେଉଛନ୍ତି। ଆହୁରି ମଧ୍ୟ ବ୍ଲକର ଥିବା ୬୨ ରିଟେଲରଙ୍କ ସହ ୩୭ ଟ୍ୟାଗ ସେଣ୍ଟରକୁ

### ଚାରିଆଡେ ଅସନ୍ତୋଷ

ଯୋଡି ଯୋଗାଣ ବିଭାଗ ଆପାତତଃ ୧୦୦ ସେଣ୍ଟରକୁ ସଠିକ ଢଙ୍ଗରେ ଚାଉଳ ନଦେଇ ଚଲାଇ ଦେବାର ଭିତିରିଆ ନିର୍ଦ୍ଦେଶ ଦେଉଥିବାରୁ ପ୍ରତି କୋଟାରେ ରିଟେଲରମାନେ ବିଭିନ୍ନ ଧମକ ଚମକର ଶୀକାର ହେଉଛନ୍ତି। ଗ୍ରାମାଞ୍ଚଳର ୨୫ ଭାଗ ଖାଉଟି ପ୍ରତି ମାସରେ ରାସନ ନ ପାଇବା ଏକ ଦ୍ୱନ୍ଦାତ୍ମକ ସ୍ଥିତିକୁ ଡାକି ଆଣିଛି। ଆଶ୍ଚର୍ଯ୍ୟର କଥା ରାଜକନିକା ବ୍ଲକ ପାଇଁ ନିଯୁକ୍ତ ଟ୍ରାନ୍ସପୋର୍ଟର ନାମକୁ ମାତ୍ର ତାଙ୍କ ନାଁରେ ଚାଉଳ ଉଠାଣ ଓ ଯୋଗାଣ କରୁଥିବା ବେଳେ ଏହି ଧନ୍ଦାରେ ସେ ନିଜେ ନରହି ଆଉ ଜଣକୁ ଦେଇ କେବଳ ରେକର୍ଡପତ୍ରରେ ଯୋଗାଣ କରୁଥିବାରୁ ରିଟେଲର ମାନେ ବହୁତ ଅସୁବିଧାରେ ସମ୍ମୁଖୀନ ହୋଇ ହରକତ ହେଉଥିବା ନାମ ଗୋପନ କରି ଜଣେ ରିଟେଲର କହିଛନ୍ତି। କେବେ ଧାର୍ଯ୍ୟ ସମୟ ପୂର୍ବରୁ ଗୋଦାମରେ ଚାଉଳ ନାହିଁ କହି ଦିନ ଗଡ଼ାଉଥିବା ଟ୍ରାନ୍ସପୋର୍ଟର ଚାଉଳ ଆସିବା ପରେ ବି ସଠିକ ପରିମାଣର ଦେଉନଥିବାରୁ ଏହି ମାସରେ ସମସ୍ତ ରିଟେଲର ପଏଣ୍ଟରେ ଖାଉଟି ହଙ୍ଗାମା କରିଛନ୍ତି। ତେବେ ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ଚାଉଳ ନ ଥିଲା ଯାହା ଆସିଲା ଦେଲୁ, ଏବେ ବାକି ଦିଆଯାଉଛି କହିଥିଲେ। ରାଜକନିକା ବ୍ଲକର ଆଗାମୀ ୪ ମାସ ପାଇଁ ଦିଆ ଯାଉଥିବା ରାସନ ସବୁ ଖାଉଟିଙ୍କ ପାଖରେ ପହଞ୍ଚି ନ ଥିବାରୁ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଓ ନବନିଯୁକ୍ତ ଜିଲ୍ଲାପାଳ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବ ହେଉଛି।

### ● ଜଗତସିଂହପୁର ଥାନା ଅଧିକାରୀଙ୍କ ଭୟ ନା ବ୍ୟସ୍ତତା

## ଫୋନ୍ ଉଠାନ୍ତିନି, ମାମଲା ଲୁଚାଉଥିବା ଅଭିଯୋଗ

**ଜଗତସିଂହପୁର, ୫ା୨(ସମିସ):** ପୁଲିସକୁ ଅଧିକ ଦକ୍ଷ ଓ ଲୋକଙ୍କ ନିକଟତର ହେବା ଉପରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି। ମାତ୍ର ଜଗତସିଂହପୁର ଥାନା ଏହାର ବ୍ୟତିକ୍ରମ ପାଲଟିଛି। ନିଜେ ଥାନା ଅଧିକାରୀ ସାଧାରଣ ଲୋକଙ୍କ ଫୋନ୍ ଉଠାଉ ନ ଥିବା ନେଇ ଅଭିଯୋଗ ହେଉଛି। ଥାନା ଅଧିକାରୀଙ୍କ ଏହି ମନମାନୀକୁ ନେଇ ଲୋକେ ବିପଦ ସମୟରେ ତାଙ୍କଠାରୁ ସହାୟତା ଆଶା ଛାଡ଼ିଦେଇଥିବା ସୂଚନା ମିଳିଛି। କେବଳ ସାଧାରଣ ଲୋକ ନୁହଁନ୍ତି, ନିଜେ ଥାନା ଅଧିକାରୀ ବିଭିନ୍ନ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିଙ୍କଙ୍କ ଫୋନ୍ ଉଠାଉ ନ ଥିବା ନେଇ ଅଭିଯୋଗ ହେଉଛି। ଜଗତସିଂହପୁର ଥାନା ଭଳି ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଥାନାରେ ପ୍ରତିଦିନ ଦାଖଲ ଓ ପଞ୍ଜୀକରଣ ହେଉଥିବା ମାମଲା ସମ୍ପର୍କରେ ସୂଚନା ମିଳିପାରୁ ନ ଥିବାରୁ ଏ ସମ୍ପର୍କରେ ସମ୍ବାଦ ପରିବେଷଣ ହୋଇପାରୁ ନ ଥିବା ଜଣାପଡ଼ିଛି। ପ୍ରତି ମାସରେ ମାତ୍ର ଥରେ କିମ୍ବା ଅତିବେଶୀରେ ଦୁଇଥର 'ଜଗତସିଂହପୁର ପିଏସ୍ ମିଡିଆ' ହ୍ୱାଟସଆପ ଗ୍ରୁପରେ ସମ୍ପୂର୍ଣ୍ଣ ସୂଚନା ନ ଥିବା କେବଳ ଦୁଇ ଚାରିଧାଡିର ଇଂରାଜୀ ମେସେଜ ଦେଇ ଜଗତସିଂହପୁର ଥାନା ଅଧିକାରୀ ନିଜର ଦାୟିତ୍ୱ ସାରିଦେଉଛନ୍ତି। ଫଳରେ ଖବର ପ୍ରସ୍ତୁତିକୁ ନେଇ ସାମ୍ବାଦିକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏହା ସମ୍ପୃକ୍ତ ଥାନା ଅଧିକାରୀଙ୍କ ଭୟ ନା ବ୍ୟସ୍ତତା, ସେ ସମ୍ପର୍କରେ ସାଧାରଣ ଲୋକ ଜାଣିପାରୁ ନ ଥିବା ପ୍ରକାଶ କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଜିଲ୍ଲା ହେଡ କ୍ୱାର୍ଟରରେ ଅବସ୍ଥିତ ଜଗତସିଂହପୁର ଥାନାକୁ ଅଧିକ ଦକ୍ଷ ଓ କାର୍ଯ୍ୟକ୍ଷମ କରିବାକୁ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜଗତସିଂହପୁର ଆରକ୍ଷୀ ଅଧୀକ୍ଷକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଜଗତସିଂହପୁର ଏସଡିପିଓ ରଶ୍ମୀରଞ୍ଜନ ସାହୁଙ୍କୁ ପଚାରିବାରୁ ଏମିତି ହେବା କଥା ନୁହେଁ ବୋଲି କହିବା ସହିତ ଏ ସମ୍ପର୍କରେ ସମ୍ପୃକ୍ତ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସଙ୍କୁ ସଚେତନ କରିବେ ବୋଲି କହିଛନ୍ତି।

## ଗୋ-ମାତାଙ୍କ ସୁରକ୍ଷା ନେଇ ବୈଠକ

**ପାରାଦୀପ, ୫ା୨ (ସମିସ):** ଗୋ-ମାତାଙ୍କ ସୁରକ୍ଷା ନେଇ ପାରାଦୀପ ବଜରଙ୍ଗ ଦଳ ପକ୍ଷରୁ ଏକ ବୈଠକ ସ୍ଥାନୀୟ ଅଠରବାଙ୍କୀ ବିଜୁ ଉଦ୍ୟାନରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ପାରାଦୀପର ସମସ୍ତ ୧୯ଟି ୱାର୍ଡର ସଂଯୋଜକ ଓ ସହସଂଯୋଜକ ଉପସ୍ଥିତ ରହି ପାରାଦୀପ ଅଞ୍ଚଳରୁ ଗୋ-ଚାଲାଣ ବନ୍ଦ କରିବା ପାଇଁ ଓ ଦୁର୍ଘଟଣାଗ୍ରସ୍ତ ଗୋ-ମାତାଙ୍କ ଚିକିତ୍ସା ଲାଗି ତୁରନ୍ତ ଆମ୍ବୁଲାନ୍ସ ଆବଶ୍ୟକତା ନେଇ ପ୍ରଶାସନ ନିକଟରେ ବାରମ୍ବାର ଦାବି ରଖିଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାବ୍ୟତୀତ ପାରାଦୀପ ଅଞ୍ଚଳରେ ଗୋ-ମାତାଙ୍କୁ ଆଦୌ ସୁରକ୍ଷା ଦେଉନି ପ୍ରଶାସନ। ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ଏହାର ବିରୋଧ କରିବା ସହ ପ୍ରଶାସନକୁ ଲିଖିତ ଭାବେ ଜଣାଇବେ। ଯଦି ପ୍ରଶାସନ ଏକ ସପ୍ତାହ ମଧ୍ୟରେ ସେମାନଙ୍କ ଦାବି ପୂରଣ ନ କରେ, ତେବେ ସମସ୍ତ ଗୋ-ମାତା ଓ ବଜରଙ୍ଗ ଦଳର ସଦସ୍ୟମାନେ ସ୍ଥାନୀୟ ଦୋଛକିରେ ରାସ୍ତାରୋକ କରିବେ ବୋଲି ପାରାଦୀପ ବଜରଙ୍ଗ ଦଳ ସଂଯୋଜକ ସରୋଜ ବଳିଆରସିଂ ଓ ଶିବପ୍ରସାଦ ମହାନ୍ତି ଚେତାବନୀ ଦେଇଛନ୍ତି।

### ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

## 'ଉତ୍ତମ ଶିକ୍ଷା ସଫଳତା ଓ ପରିବର୍ତ୍ତନର ମାର୍ଗଦର୍ଶନ କରିଥାଏ'

**ପଟ୍ଟାମୁଣ୍ଡାଇ, ୫ା୨(ସମିସ):**

ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଉତ୍ତମ ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସବୁକ୍ଷେତ୍ରରେ ସଫଳ କରିବା ସହିତ ସାମାଜିକ ପରିବର୍ତ୍ତନ ପାଇଁ ମାର୍ଗଦର୍ଶନ କରିଥାଏ ବୋଲି ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୧୫ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ସ୍କୁଲ ନିର୍ଦ୍ଦେଶକ ଆଡଭୋକେଟ ସଞ୍ଜୟ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ଡିଏସ୍‌ଇ ନିର୍ଦ୍ଦେଶକ ଡଃ ପ୍ରୀତିପ୍ରତିଭା ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷା ବ୍ୟବସ୍ଥା ଆହ୍ୱାନର ସମ୍ମୁଖୀନ ହୋଇଥିବାରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ଗଢ଼ିବା କାଠିକର ପାଠ ଓ ସମୟର ପ୍ରଭାବରେ ବହୁ ମେଧାବୀ ଛାତ୍ରଛାତ୍ରୀ ଦିଗଭ୍ରଷ୍ଟ ହେବା ଦେଖାଯାଉଛି। ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ତିଆରି କରିବାରେ ସଫଳ ହୋଇଥିବାରୁ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷା ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଡ଼ ପ୍ରମୋଦିନୀ ଜେନା ସିନିୟର ଫେଲୋ ଅଣ୍ଡର ସିସିଆରଟି ନୂଆଦିଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରିଙ୍କେଶ୍ୱରୀ ଦାସ, ପ୍ରିୟଙ୍କା ସୂତାର ଓ ବନଜାବାସିନୀ ପରିଡ଼ା ଅତିଥିଙ୍କୁ



ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୁଶ୍ରୀ ବନିମୟୀ ଜେନା ସ୍ୱାଗତ ଭାଷଣ ଓ ଲିପିକା ଖୁଣ୍ଟିଆ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ ଅଧକ୍ଷ ପ୍ରତାପ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସାଂସ୍କୃତିକ ବିବରଣୀ ମୋନାଲିସା ରାୟ ପାଠ କରିଥିବାବେଳେ ତମନା ଜେନା ବିଦ୍ୟାର୍ଥୀ ବିବରଣୀ ପାଠ କରିଥିଲେ। ଏ ଅବସରରେ ଶିକ୍ଷୟିତ୍ରୀ କାମିନୀ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ନାୟକ, ତପସ୍ୱିନୀ ପ୍ରଧାନ, ରାକେଶ ସୂତାର, ଗୌରବ ବେହେରା, ବୀରସେନ ଜେନା, ମହେନ୍ଦ୍ର ଭୂୟାଁ, ସୌମ୍ୟରଞ୍ଜନ ପଣ୍ଡା, ପ୍ରବୀର ବାରିକ, ଭକ୍ତରଞ୍ଜନ ମହାନ୍ତି, ବିଷ୍ଣୁପ୍ରିୟା ମହାରଣା, ସୁମନଶ୍ରୀୟା ନାୟକ, ସୋନାଲିସା ପରିଡ଼ାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରା ମାନପତ୍ର ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ମହିଳା ଭାବେ ୭ ଜଣଙ୍କୁ ସ୍କୁଲ ମ୍ୟାନେଜିଂ ଟ୍ରଷ୍ଟି ସୁଚିତ୍ରା ସାହୁ ସମ୍ମାନିତ କରିଥିଲେ। ଅନିରୁଦ୍ଧ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ମଧୁସ୍ମିତା ଗିରି, ପଦ୍ମିନୀ ଆଚାର୍ଯ୍ୟ, ଭକ୍ତରଞ୍ଜନ ମହାନ୍ତି, ଅମିତ ପାତ୍ର, ବିଷ୍ଣୁପ୍ରିୟା ମହାରଣା, ପାର୍ବତୀ ବାରିକ, ଆଶାଲତା ମଲ୍ଲିକ, ଅରୁନ୍ଧତୀ ଦାସ, ନିକିତା ଖଣ୍ଡାଇ, ଅନୁରକ୍ତା ଦାସ, ହିମାଂଶୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସ୍କୁଲ ଟ୍ରଷ୍ଟି ସଞ୍ଜୟ ନାୟକ, ପ୍ରଫୁଲ୍ଲ ପାତ୍ର, ସୌମେନ୍ଦ୍ର ଜେନା ଓ ରବିନାରାୟଣ ଭଞ୍ଜ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁରୁ ବ୍ଲକକୁ ଯୋଡ଼ି ହେଲା ଲକ୍ଷ୍ମୀ




**ତାଳଚେରସଦର,୫।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା ବେଳେ ଏବେ ସବୁଆଡେ ଲକ୍ଷ୍ମୀ ବସ୍‌ସେବା ସମସ୍ତଙ୍କ ପାଇଁ ଆଣିଦେଇଛି ଖୁସି ଓ ଆନନ୍ଦ। ଅନୁଗୁଳ ଜିଲ୍ଲାର ତାଳଚେରଠାରେ ସୋମବାରଠାରୁ ଏହି ସେବା ଆରମ୍ଭ ନେଇ ଖୁସିର ମାହୋଲ ସୃଷ୍ଟି ହୋଇଛି। ଆଜି ତାଳଚେର ବ୍ଲକରେ "ଲକ୍ଷ୍ମୀ ବସ'ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ତାଳଚେର ବିଡିଓ ସୁଶ୍ରୀ ଚିନ୍ମୟ ଚେତନା ଦାସ, ତାଳଚେର ବ୍ଲକର ସରପଞ୍ଚ, ସମିତି ସଭ୍ୟ, ତାଳଚେର ପୌର ପରିଷଦର କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ।

**କଣିହାଁ:** କଣିହା ବ୍ଲକରୁ ପ୍ରତ୍ୟେକ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ସେବା ଯୋଡି ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବିଡିଓ ଦେବଦତ୍ତ ପ୍ରଧାନ,



ରାଜେନ୍ଦ୍ର ପ୍ରଧାନ, ପ୍ରାକ୍ତନ ସମିତିସଭ୍ୟ ନିର୍ମଳ ସାହୁ, ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମହେଶ୍ୱର ସାମଲ ଏବଂ ଲକ୍ଷ୍ମୀ ବସ୍‌ର ସୁପରଭାଇଜର ରେଣୁବାଳା ଜେନା ଯୋଗଦେଇ ସୋମବାର ଦିନ ଶୁଭାରମ୍ଭ କରିଥିଲେ। ବ୍ଲକ କାର୍ଯ୍ୟାଳୟରୁ ବିଭିନ୍ନ ପଞ୍ଚାୟତକୁ ୩ଟି ବସ ଚଳାଚଳ କରିବା ପାଇଁ ସକାଳ ୬ ରୁ ଆରମ୍ଭ କରି ଅପରାହ୍ନ ୫ .୩୦ ପର୍ଯ୍ୟନ୍ତ ଚାଲିବ। କଣିହାଁ ବ୍ଲକବାସୀ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

● ସମୂହ ଛୁଟିରେ ପ୍ରାଣୀ ଚିକିତ୍ସକ

# ରୋଗିଣା ବାଛୁରି ଧରି ଜିଲ୍ଲାପାଳଙ୍କ ଅଫିସରେ ପଶିଲେ ମହିଳା

**ଅନୁଗୋଳ,୫।୨(ସମିସ)**

ଚିକିତ୍ସା ପାଇଁ ଗୁହାରି କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ବାଛୁରୀ। ଏଭଳି ଘଟଣା ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ପଶୁ ଡାକ୍ତରଖାନାରେ ଚିକିତ୍ସା ନ ପାଇ ପଶୁପାଳକ ନିଜ ବାଛୁରୀ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଗୁହାରି କରିବାକୁ ଆସିଥିବା ଦେଖିବାକୁ ମିଳିଥିଲା। ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ ନୂଆହତା ଗାଁର ତରୁଣ କୁମାର ସାମଲଙ୍କ ଗାଇ ଗତ ଚାରି ଦିନ ପୂର୍ବରୁ ଜନ୍ମ କରିଥିଲା। ମାତ୍ର ଜନ୍ମ ପରେ ବାଛୁରୀର ମଳଦ୍ୱାର ନଥିବା ଦେଖିବାକୁ ମିଳିଥିଲା। ଏହାପରେ ତରୁଣ ବାଛୁରୀଟିର ଚିକିତ୍ସା ନିମନ୍ତେ ବଅଁରପାଳ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ ମଧ୍ୟ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ କାରଣରୁ ବାଛୁରୀର ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି କହି ତାଙ୍କୁ ଫେରାଇ ଦିଆଯାଇଥିଲା। ଏହାପରେ ବିଭିନ୍ନ ପ୍ରାଣୀ ଚିକିତ୍ସକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ନେହୁରା ହୋଇ ବିଫଳ ହୋଇଥିଲେ। ଶେଷରେ



ନିରୁପାୟ ହୋଇ ଆଜି ତରୁଣ ନିଜ ପରିବାର ସଦସ୍ୟଙ୍କ ସହ ବାଛୁରୀକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଚିକିତ୍ସା ନିମନ୍ତେ ନିବେଦନ କରିଥିଲେ। ଓଡ଼ିଶା ପ୍ରାଣୀଚିକିତ୍ସା ସେବାସଙ୍ଘ ଦ୍ୱାରା ଆହୁତ ଆନ୍ଦୋଳନରେ ଅନୁଗୋଳ ଜିଲ୍ଲାର ପ୍ରାଣୀ ଚିକିତ୍ସକ ମାନେ ଗତ ୧୮ ତାରିଖରୁ ସମୂହ ଛୁଟିରେ ଯାଇଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ କାରଣରୁ ଜିଲ୍ଲାର ପ୍ରାଣୀ ପାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅପରପକ୍ଷରେ ଆଜିର ଘଟଣାକୁ ନେଇ ପ୍ରାଣୀ ଚିକିତ୍ସକମାନେ ଦୁଃଖ ପ୍ରକାଶ କରିଛନ୍ତି।

● ୟୁଥ୍ ହଷ୍ଟେଲ ଆସୋସିଏସନ୍ ନାଲକୋ ୟୁନିଟ୍

# ରାଜ୍ୟସ୍ତରୀୟ ଶୀତକାଳୀନ ଟ୍ରାକିଙ୍ଗ୍ ଉଦ୍‌ଯାପିତ

**ଅନୁଗୋଳ ସଦର ୫।୨(ସମିସ):** ଟିକରପଡ଼ା ବନାଞ୍ଚଳ କରତପଟା ନିକଟସ୍ଥ ବାଘୁଆପାଟ ଠାରେ ୟୁଥ୍ ହଷ୍ଟେଲ ଆସୋସିଏସନ୍ ନାଲକୋ ୟୁନିଟ (ଅନୁଗୋଳ)ର ରାଜ୍ୟସ୍ତରୀୟ ଶୀତ କାଳୀନ ଟ୍ରାକିଙ୍ଗ ୨୦୨୪ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି।




ଶନିବାର ରାତିରେ କ୍ୟାମ୍ପ ଫାୟାର ସହ ରବିବାର ଦିନ ସକାଳ ୮ ସମୟରେ ୟୁଥ୍ ହଷ୍ଟେଲର ମେମ୍ବର ଓ ସ୍ଥାନୀୟ ସୁଜିତ୍ ଗୁରୁକୁଳ ଶିକ୍ଷାନୁଷ୍ଠାନର ଛାତ୍ରମାନେ ବଣ ଜଙ୍ଗଲ ମଧ୍ୟରେ ୪ କିମି ଦୁର୍ଗମ ପଥରେ ଚାଲିଚାଲି ବୁଲିଥିଲେ। ବଣ ଜଙ୍ଗଲ ମଧ୍ୟରେ ଛାତ୍ର ମାନଙ୍କୁ ଜୈବ ବିବିଧତା ବିଷୟରେ ଜଙ୍ଗଲ ଅଧିକାରୀ ଓ ଜୈବ ବିବିଧତା ଏକ୍ସପର୍ଟ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜଙ୍ଗଲ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ , ନୀଳାଦ୍ରି ସାହୁ , ମନୋରଞ୍ଜନ ପରିଡା ଓ ୟୁଥ୍ ହଷ୍ଟେଲର କାର୍ଯ୍ୟକର୍ତ୍ତା ପ୍ରହ୍ଲାଦ ପଟ୍ଟନାୟକ , ଦିଲ୍ଲୀପ ଦାସ , ସରୋଜ ପଟ୍ଟନାୟକ , ସୁଜିତ ପଟନାୟକ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ , ଓ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ତାପସ ଦେହୁରୀ, ଜିତୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପୋଲିସ ଡିଜି ତଥା ୟୁଥ ହଷ୍ଟେଲ ଆସୋସିଏସନ ଅଫ ଇଣ୍ଡିଆ ଓଡିଶା ଶାଖାର ସଭାପତି ଡ଼ଃ ସତ୍ୟଜିତ ମହାନ୍ତିଙ୍କ ବାର୍ତ୍ତା ପାଠ କରାଯାଇଥିଲା।

# ୪ ଲେନ୍ ରାସ୍ତା ଓ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବିପତ୍ର

**ତାଳଚେରସଦର,୫।୨(ସମିସ):** କଣିହାଁଠାରୁ ବଅଁରପାଳ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ଓ ବାଙ୍କଧରାଠାରୁ ବହ୍ଲର ଛକ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ଓଭରବ୍ରିଜ୍ ନିର୍ମାଣ ଦାବିରେ ସୋମବାର ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଭାଘରଠାରେ ଆୟୋଜିତ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କୁ ତାଳଚେର ସଡକ



ସୁରକ୍ଷା ପରିଷଦ ପକ୍ଷରୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଅଛି ଯେ, ତାଳଚେରରୁ କୋଇଲା ପରିବହନ ଦ୍ୱାରା ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ଯେଉଁ ରାସ୍ତା ଦେଇ ସମସ୍ତ କୋଇଲା ପରିବହନ ହେଉଅଛି ସେହି ରାସ୍ତାର ଉନ୍ନତି ପ୍ରତି ଦୃଷ୍ଟି ନଦେବା ଦ୍ୱାରା ପ୍ରତିଦିନ ଦୁର୍ଘଟଣାରେ ଧନଜୀବନ ହାନୀ ଘଟୁଛି। ବିଶେଷ କରି ବାଙ୍କଧରା ଠାରୁ ବଅଁରପାଳ ପର୍ଯ୍ୟନ୍ତ ୧୪୯ ନଂ ଜାତୀୟ ରାଜପଥରେ ଲୋକମାନେ ଯିବାଆସିବା କରୁଛନ୍ତି। ପ୍ରତିଦିନ ଏହି ରାସ୍ତାରେ ୧୦ ହଜାରରୁ ଉର୍ଦ୍ଧ୍ୱ କୋଇଲା ଟ୍ରକ୍ ଚଳପ୍ରଚଳ କରୁଛି। ଏହି ରାସ୍ତାଟି ଅଣଓସାରିଆ ଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣାରେ ଜୀବନ ହାନୀ ହେଉଛି। ତୁରନ୍ତ କଣିହାଁ ଠାରୁ ବଅଁରପାଳ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବା, ବାଙ୍କଧରା ଠାରୁ ବହ୍ଲର ଛକ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ଓଭରବ୍ରିଜ୍ କରାଯିବା ଓ ରାସ୍ତାଟି ସଂପୂର୍ଣ୍ଣ ପ୍ରଦୂଷଣ ମୁକ୍ତ କରାଯିବା ପାଇଁ ଦାବି କରାଯାଇଛି। ପରିଷଦର ସଭାପତି ସଂଗ୍ରାମ କେଶରୀ କୁଅଁରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ବେଳେ ସଂପାଦକ ତଥା ସମାଜସେବୀ ବାପି ମହାନ୍ତି, ଅଭୟ ପାଣି, କେଶବ ଭୂତିଆ, ନଖିଆ ସାହୁ, ଜମ୍ବେଶ୍ୱର ପଟ୍ଟନାୟକ, ପ୍ରେମାନନ୍ଦ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ

**ଗଁଦିଆ,୫।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏକ ମାମଲାର ବିଚାରକରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌରଭ ସାଗର ପ୍ରଧାନ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୯ଶହ ଟଙ୍କା ଜରିମାନା ଅନାଦେୟ ଏକମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବାର ଜଣାପଡିଛି। ଗତ ୨୦୧୧ ମସିହା ଅକ୍ଟୋବର ୧୦ ତାରିଖ ଦିନ ଅଭିଯୋଗକାରିଣୀ ଯଶୋଦା ସାହୁଙ୍କ ଘର ସମ୍ମୁଖରେ ଅଳିଆ ଆବର୍ଜନା ଫିଙ୍ଗିବାରୁ ଗଦାଧର ସାହୁଙ୍କୁ ବାରଣ କରିଥିଲେ। ମାତ୍ର ଗଦାଧର ଏକ ଠେଙ୍ଗାରେ ମହିଳାଙ୍କୁ ମାଡ ମାରିଥିଲେ। ଏହାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ୫ଜଣ ସାକ୍ଷୀ ଏବଂ ଦସ୍ତାବିଜକୁ ନେଇ ଗଦାଧରକୁ ଦୋଷୀ ସାବ୍ୟବସ୍ତ କରାଯିବା ସହିତ ୯ଶହଟଙ୍କା ଜରିମାନା ଅନାଦେୟ ଏକ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି। ମାମଲାକୁ ସରକାରଙ୍କ ତରଫରୁ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ପରିଚାଳନା କରୁଥିଲେ।

# ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ଭୁବନ,୫।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ମହିଳା ଡିଗ୍ରୀମହାବିଦ୍ୟାଳୟରେ ଶୀତାକାଳୀନ ଏନଏସଏସ ଶିବିର ଉଦଯାପିତ ହୋଇଯାଇଛି। ଗତ ଜାନୁଆରୀ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ନିରଞ୍ଜନ ନାୟକଙ୍କ ତତ୍ୱବଧାନରେ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ସ୍ଥାନୀୟ ଉଦଳିଆ ଗ୍ରାମରେ ନାରୀ ସୁରକ୍ଷା,ନାରୀ ଶିକ୍ଷା ଓ ନାରୀ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତତନତା ସୃଷ୍ଟି କରାଯାଇଥିଲା।ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ସଚେତନତା କରାଯିବା ସହିତ ଅଗ୍ନିଶମ ବିଭାଗ ତରଫରୁ ଅଗ୍ନିନିରାକରଣ ବ୍ୟବସ୍ଥାଉପରେ ସଚେତନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ବରିଷ୍ଠ ଅଧ୍ୟାପିକା ମମତା ପାତ୍ର, କ୍ୟାପଟେନ ପ୍ରମିଳା ଦାସ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ଶେଷରେ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅମ୍ବୁଜ ସାହୁ,ଲକ୍ଷ୍ମଣ ସାହୁ,ନିର୍ମଳା ସାହୁ,ରଙ୍ଗଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

● ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ଜନ ସହଯୋଗ ଲୋଡା

# ୫୦୦ କିମି ସାଇକଲ ଚଳାଇ ସଚେତନତା ଯାତ୍ରା

**ଅନୁଗୋଳ,୫।୨(ସମିସ):** ଜଙ୍ଗଲ ନିଆଁ ଜଙ୍ଗଲର ସବୁଠାରୁ ବଡ ଶତ୍ରୁ ଏବଂ ଜଳବାୟୁ ପରିବର୍ତ୍ତନର ଏହାର ପ୍ରମୁଖ କାରଣ। ବିଗତ ଦିନରେ ଓଡିଶା ସମେତ ଅନୁଗୋଳରେ ଦେଖାଦେଇଥିବା ବନାଗ୍ନିର ତାଣ୍ଡବ ଥିଲା ଅତ୍ୟନ୍ତ ଭୟଙ୍କର। ଫରେଷ୍ଟ ସର୍ଭେ ରିପୋର୍ଟ ଅନୁସାରେ ଗତ ୨୦୨୧ ବର୍ଷ ଦେଶରେ ସର୍ବାଧିକ ଜଙ୍ଗଲ ପୋଡି ଥିଲା ଆମ ଓଡିଶାରେ। ସମସ୍ତଙ୍କ ନିଦ ହଜେଇ ଦେଇଥିଲା ୨୦୨୧ର ଜଙ୍ଗଲ ନିଆଁ। ନିଆଁ ଏତେ ତୀବ୍ର ଥିଲା ଯେ, କେନ୍ଦ୍ରୀୟ ଟିମ ତଦାରଖ ପାଇଁ ଓଡିଶା ଆସିଥିଲା। ପ୍ରାକୃତିକ ବନାଗ୍ନି ଅପେକ୍ଷା ମନୁଷ୍ୟକୃତ ବନାଗ୍ନି ଅଧିକ ଚିନ୍ତାଜନକ। ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ଜନ ସହଯୋଗ ଲୋଡିବା ପାଇଁ ଅନୁଗୋଳର ସାମାଜିକ ଅନୁଷ୍ଠାନ "ସାଥୀ ପରିବାର' ତରଫରୁ ଆରମ୍ଭ ହୋଇଛି ଏକ ୫୦୦ କିଲୋମିଟରର "ସାଇକଲ ସଚେତନତା ଯାତ୍ରା'। ଫେବୃଆରୀ ୫ ତାରିଖଠାରୁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ଏହି ସାଇକଲ ଯାତ୍ରା ଆରମ୍ଭ ହୋଇଛି। ଏହି ସଚେତନତା ଯାତ୍ରା ସମୟରେ ଅନୁଗୋଳ, ସାତକୋଶିଆ ଓ ଆଠମଲ୍ଲିକ ବନଖଣ୍ଡର ଟିକରପଡା, ବିନିକେଇ, ଆଠମଲ୍ଲିକ, ଠାକୁରଗଡ଼, ଆମ୍ବସରମୁଣ୍ଡା, ରଣିଆକଟା, ମାନଜୋର, ବାମୁର, ନାକଚି, ବଇଣ୍ଡା, ଜରପଡା, ବାଲିଜେରେଙ୍ଗ, ପୁରୁଣାଗଡ , ବଡକେରା, ଆଦି ଅଞ୍ଚଳର ପ୍ରାୟ ୨୫୦ରୁ ଅଧିକ ଗ୍ରାମ/ପଡାର ଗ୍ରାମବାସୀ ଏବଂ ୧୫ରୁ ଉର୍ଦ୍ଧ୍ୱ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ଯାତ୍ରା ସମୟରେ ଗ୍ରାମର କୋଠଘର, ହାଇସ୍କୁଲ ଓ ଜନ ଗହଳି ଜାଗାରେ ଡାକ ବାଜି ଯନ୍ତ୍ର ଓ ସଚେତନତା ଫର୍ଦ୍ଦ ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ନିଆଁର ଭୟାବହତା, କାରଣ ଓ ପ୍ରତିକାର ଏବଂ ଜଙ୍ଗଲର ଆବଶ୍ୟକତା ବିଷୟରେ ସଚେତନ କରାଯାଉଛି। ସମୁଦାୟ ୪୫୦ ରୁ




୫୦୦ କିଲୋମିଟରର ଏହି ଯାତ୍ରାକୁ ୫ ରୁ ୬ ଦିନରେ ଶେଷ କରାଯିବ। ଏହି ସାଇକଲ ସଚେତନତା ଯାତ୍ରାକୁ ଅନୁଗୋଳ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ୍ କୁମାର ଓ ଗୋସେବକ ମନୋଜ ଅଗ୍ରୱାଲ ଏବଂ ସାମାଜିକ କର୍ମୀ ସୌମ୍ୟରଂଜନ ଦାସ ପ୍ରମୁଖ ଶୁଭାରମ୍ଭ କରିଥିବା ବେଳେ ଅନୁଷ୍ଠାନର ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ଶୁଭେନ୍ଦୁ ସାହୁ, ଦିଲ୍ଲୀପ କୁମାର ସାହୁ, ପିଣ୍ଟୁ ବେହେରା, ମାନସ ରଂଜନ ପ୍ରଧାନ, ରାଜେଶ ରଞ୍ଜନ ସାହୁ, ସିଦ୍ଧାର୍ଥ ପ୍ରଧାନ, ସୌମ୍ୟରଂଜନ ଥମ୍ବ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି।

○ କ୍ରିଏଟିଭ ଟେକ୍‌ନୋ କଲେଜ

# 'ବାର୍ଷିକ କ୍ରୀଡ଼ା' ଓ 'ଫନ୍ ଫେୟାର' ପାଳିତ

**ଅନୁଗୋଳ,୫।୨(ସମିସ):** ଅନୁଗୋଳ ବାଲୁଆକଟା ସ୍ଥିତ କ୍ରିଏଟିଭ ଟେକ୍‌ନୋ କଲେଜରେ "ବାର୍ଷିକ କ୍ରୀଡା' ଏବଂ "ଫନ ଫେୟାର' ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ବିଭାଗରେ ସୌରଭ ସାହୁ ଏବଂ ଛାତ୍ରୀ ବିଭାଗରେ ଶତାବ୍ଦୀ ଦାସ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଚାମ୍ପିଅନ ହୋଇଥିଲେ। ଏହି ଅବସରରେ ଶ୍ରୀ ସାହୁ ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ବାର୍ଷିକ କ୍ରୀଡା ଉତ୍ସବପରେ କଲେଜର ଶୀତକାଳୀନ ଉତ୍ସବ "ଫନ୍ ଫେୟାର' ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଗୋଳ ନାଟ୍ୟମ୍ ସଂସ୍ଥାର ପ୍ରତିଷ୍ଠାତା ସୁଧାଂଶୁ ମୋହନ ଦ୍ୱିବେଦୀ ମୁଖ୍ୟଅତିଥି ଏବଂ କଲେଜର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ସାହୁ ଓ ଅଧ୍ୟକ୍ଷ କ୍ରିଷ୍ଣାଶିସ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଦ୍ୱିବେଦୀ ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ଶ୍ରୀ ସାହୁ କ୍ରିଏଟିଭ କଲେଜର ଗୁଣାତ୍ମକ ଶିକ୍ଷାଦାନରେ ସଫଳତା ଓ ଆଗାମୀ ଦିନରେ ଯୋଜନା ବିଷୟରେ ଆଲୋକପାତ କରିବା ସହ କ୍ରୀଡା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନିର୍ମିତ ଫୁଡ୍ ଷ୍ଟଲ ଗୁଡିକରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ



ପ୍ରକାର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଥିଲା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜ୍ ପକ୍ଷରୁ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାର୍କେଟିଂ ମୁଖ୍ୟ ବିପିନ ଚନ୍ଦ୍ର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ, ଛାତ୍ରୀ ଇପ୍ସିତା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ କଲେଜର ଲୋକ ସମ୍ପର୍କ ଅଧିକାରୀ ସତ୍ୟଶିବ ସୁନ୍ଦର ଦେହୁରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

● ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

# 'ଯେ ଜାତି ଭାଷା ବିହୀନ; ସେ ଜାତି ବର୍ବର'

**ଅନୁଗୋଳ,୫।୨(ସମିସ)**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅନୁଗୋଳଠାରେ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ-୨୦୨୪ ଉପଲକ୍ଷେ ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟବକ୍ତା ଭାବରେ ଓଡିଆ ଭାଷାବିତ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର କୁଳମଣି ନାୟକ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଗୋଳର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଟି ବିଭାଗରେ କନିଷ୍ଠ ଓ ବରିଷ୍ଠ ବର୍ଗର ସର୍ବମୋଟ ୨୫୦ ଜଣ ଛାତ୍ରଛାତ୍ରୀ, ୩୨ ଜଣ ଗାଇଡ୍‌ଶିକ୍ଷକ ତଥା ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମେତ ସର୍ବମୋଟ ୩୦୦ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ



କାରାଇଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅନୁଗୋଳର ଛାତ୍ରୀମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କାରାଯାଇଥିଲା। ପରେ ଅମ୍ବୁଜ କୁମାର ଗଡ଼ନାୟକ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ ପ୍ରଦାନ ପୂର୍ବକ ସମ୍ମାନିତ କାରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ବାରିକ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ମୁଖ୍ୟବକ୍ତା ଡକ୍ଟର ନାୟକ ଭାଷାର ମହତ୍ତ୍ୱ ଅତି ସରଳ ଭାଷାରେ ବୁଝାଇ କହିଥିଲେ- "ଭାଷାହିଁ ସୃଜନଶକ୍ତି ଜାତିମାନଙ୍କର; ଯେ ଜାତି ଭାଷାବିହୀନ ସେ ଜାତି ବର୍ବର'।

କାର୍ଯ୍ୟକ୍ରମର ସଭାପତି ଶ୍ରୀମତୀ ସାହୁ "କାନ୍ତକବିଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଏକ ସଂଗୀତକୁ ତାଙ୍କର ସୁଲଳିତ କଣ୍ଠରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଣାଇବା ସହିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମହନୀୟତାକୁ ପ୍ରତିପାଦନକରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫିସ ହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ବନବାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ତାଳଚେର,୫।୨(ସମିସ):** ତାଳଚେର ବ୍ଲକ ଗୋପାଳପ୍ରସାଦ ପଂଚାୟତ ଅନ୍ତର୍ଗତ ବନବାସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାଷା ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଜ୍ୟୋତିଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମୋ ସ୍କୁଲ ଅଭିଯାନର ସଭାପତି ଗୋକୁଳାନନ୍ଦ ବାରିହା ଓ ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିଶ୍ୱମ୍ବର ଜ୍ୟୋତିଷ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାଷା,ସଂସ୍କୃତି ଆଧାରିତ ଚିତ୍ରାଙ୍କନ ,କୁଇଜ,ହସ୍ତଶିଳ୍ପ,ତର୍କ,ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗିମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନର ସଦସ୍ୟ ତଥା ପୁରାତନ ଛାତ୍ର ମନୋହର ଜ୍ୟୋତିଷ,ସୁଶାନ୍ତ କୁମାର ଜ୍ୟୋତିଷ, ବିଦ୍ୟାଳୟର ଶିକ୍ଷକ ସିନ୍ଧୁ ପ୍ରଧାନ, ସନ୍ଦେହ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସିନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

**ତାଳଚେରସଦର,୫।୨(ସମିସ):** ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ଅବ୍‌ଦଲ୍ ଏମ୍. ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗଦେଇଥିଲେ। ମୋଟ ୯୧ଟି ଅଭିଯୋଗରୁ ୭୪ଟି ବ୍ୟକ୍ତିଗତ ଓ ୧୭ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ଦାଖଲ ହୋଇଥିଲା ୯୧ ଅଭିଯୋଗ ମଧ୍ୟରୁ ଗୋଟିଏ ଅଭିଯୋଗର ଆଜିର ଶିବିରରେ ଫଇସଲା କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟଉନ୍ନୟନଅଧିକାରୀ ତଥା କାଯ୍ୟନିର୍ବାହୀଅଧିକାରୀ ହେମନ୍ତକୁମାରସିଂହଙ୍କ, ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ।

# ଭେଟରାନ କପ୍ କ୍ରିକେଟ: ବାମୁର ଚାମ୍ପିଅନ୍

**କିଶୋରନଗର,୫।୨(ସମିସ):** ବାମୁର ଖେଳ ପଡ଼ିଆ ରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ଓକ୍ଷାପାଲ୍ଲୀ ଭେଟରାନ ଓ ବାମୁର ଭେଟରାନ ଏକାଦଶ ମଧ୍ୟ ରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆୟୋଜକ ବାମୁର ଭେଟରାନ ୩ ୱିକେଟରେ ଓକ୍ଷାପାଲ୍ଲୀକୁ ପରାସ୍ତ କରି ଚାମ୍ପଅନ ହୋଇଛି। ଦେବବ୍ରତ ବେହେରା ଓ ମଧୁସୂଦନ ପ୍ରଧାନ ଅମ୍ପାୟାର ଦାଇତ୍ୱ ତୁଲାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବାମୁର ସରପଞ୍ଚ ସଂଜୀବ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ନିତୁନ ପ୍ରଧାନ ମ୍ୟାନ ଅଫ ଦି



ମ୍ୟାଚ ଓ ଜ୍ୟୋତିର୍ମୟ ପ୍ରଧାନ ସିରିଜ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

